
ଡକ୍ଟର ବିଧୁପ୍ରଭା ରଥ



odia.org

# ହଂସଧ୍ୱନି


ହଂସଧ୍ୱନି
ବିଧୁପ୍ରଭା ରଥ

# ହଂସଧ୍ୱନି

ଡକ୍ଟର ବିଧୁପ୍ରଭା ରଥ

ପୃଥ୍ୱୀପଦ୍ମା ପ୍ରକାଶନୀ
ବ୍ରହ୍ମପୁର

# ହଂସଧ୍ୱନି

ଡକ୍ଟର ବିଧୁପ୍ରଭା ରଥ

ପ୍ରକାଶକ : ପୃଥ୍ୱୀପନ୍ନା ପ୍ରକାଶନୀ,
ଇନ୍ଦିରା ନଗର, ୨ୟ ସରଣୀ (ଶିକ୍ଷାଞ୍ଚଳ),
ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା

ପ୍ରଥମ ପ୍ରକାଶ – ବସନ୍ତ ପଞ୍ଚମୀ, ୨୦୦୮

(ପୃଥ୍ୱୀକ ମିଶ୍ରଙ୍କଦ୍ୱାରା ସର୍ବସ୍ୱତ୍ୱ ସଂରକ୍ଷିତ)

ମୁଦ୍ରଣ/ଅକ୍ଷର :
କ୍ରିଏଟିଭ୍‌ଜୋନ୍, ଭଞ୍ଜ ଆଶ୍ରମରୋଡ୍, ବ୍ରହ୍ମପୁର

ମୂଲ୍ୟ : ୫୦/-

## HANSHADHWANI

by

*Dr. Bidhuprabha Rath*

**Publisher : Pruthwipanna Prakashani,**
Indira Nagar -2nd, Berhampur, Ganjam, (Orissa)

First Edition : **Basanta Panchami, 2008**

© Pruthvik Mishra

Cover Design & DTP : **Creative Zone,**
Hatibandha Street, Berhampur, Ganjam,

Price : 50/-

ମୁଖ୍ୟ ପରିବେଷକ

ଲକ୍ଷ୍ମୀନଗର, ଦିଲ୍ଲୀ : ଡିଭାଇନ୍ ନଗର, କଟକ : ହିଲ୍‌ପାଟଣା, ବ୍ରହ୍ମପୁର (ଓଡ଼ିଶା)

ଭାସ୍କର ଭାଇନା ! ତମେ ଆମ ସମୟର ଦୁର୍ବଳ, ଅସହାୟ ମଣିଷମାନଙ୍କର ଯେପରି ଭାବେ ସାଥୀ - ସଙ୍ଗାତ ଓ ସତୀର୍ଥ; ସେହିପରି ଭ୍ରଷ୍ଟାଚାରୀ, ଦାମ୍ଭିକ, ଔଦ୍ଧତ୍ୟପୂର୍ଣ୍ଣ ଅହଂକାରୀମାନଙ୍କ ବିରୁଦ୍ଧରେ ଏକ ଦୁର୍ବାର ଝଡ଼ !

ତମେ ପୁଣି ଉତ୍ତର ଆଧୁନିକ ଓଡ଼ିଆ କଥାସାହିତ୍ୟ ଓ ସାମ୍ବାଦିକତାର ଜଣେ ମହାଭାଷ୍ୟକାର । ତମରି ଭିତରେ ମୁଁ ଲକ୍ଷ୍ୟ କରିଛି ନୀରବ ନିଭୃତ ସାରସ୍ୱତ ସାଧନା, ଯୋଗୀର ଅନାସକ୍ତ ତପସ୍ୟା, ଶିଳ୍ପୀର ଜୀବନ ପ୍ରମତ୍ତ ସମ୍ବେଦନଶୀଳତା, ବିପ୍ଳବୀର ସମାଜ 'ସଚେତନ ପୁରୋଦୃଷ୍ଟି ଏବଂ ପ୍ରାପ୍ତି ପ୍ରତ୍ୟାଶାହୀନ ନିଃସଙ୍ଗତାର ଦୁର୍ବିସହତାକୁ ବେଖାତିର । ତମେ ତ ଆମ ସମୟର ଏକା ଏକା 'ଏକଲବ୍ୟ' ପୁଣି ବେଳେବେଳେ 'ଅଭିମନ୍ୟୁ' । ତଥାପି ତମ ସୃଷ୍ଟି କର୍ମ ପ୍ରଖର .... ମୁଖର ଏବଂ ଆନନ୍ଦମୟ ।....

ତମରି ହାତରେ ଏଇ 'ହଂସଧ୍ୱନି' ସମର୍ପଣ କରୁଛି ...

ଶ୍ରୀପଞ୍ଚମୀ
୧୧.୦୨.୨୦୦୮
ଛତ୍ରପୁର

## କୃତଜ୍ଞତା

ସମୟର ଶଙ୍ଖନାଦ କାବ୍ୟାଲୋକ, ଗୋକର୍ଣ୍ଣିକା, ଚଲାପଥ, ସାନନ୍ଦା, ନବରବି, ପରିଚୟ, ସ୍ୱର୍ଣ୍ଣ, ଅପୂର୍ବା, ନବଲିପି, ଅଦ୍ୱିତୀୟା, କସ୍ତୁରୀ, ଆମ ସମୟର ଅସ୍ମିତା, ଅନୁପୂର୍ବା, ସାହିତ୍ୟ ଦର୍ପଣ, ଯୁଗାନ୍ତର, ସୂତ୍ରଧର, କବିତା କଣ୍ଟଇପି, ଓକିନି, ବିବର୍ତ୍ତନ, ବିଭାବନା, ଉନ୍ମେଷ, ସହକାର, ଶର୍ମିଷ୍ଠା, ଭୂମି, ସମାଜ ସାପ୍ତାହିକୀ ଓ ସ୍ମୃତିଲିପି ।

ଏହି ସକଳ ପ୍ରତ୍ରିକାଗୁଡ଼ିକରେ 'ହଂସଧ୍ୱନି'ରେ ସ୍ଥାନିତ କବିତାଗୁଡ଼ିକ ଗତ କୋଡ଼ିଏ ବର୍ଷ ମଧ୍ୟରେ ପ୍ରକାଶ ପାଇଥିଲା । ମୁଁ ସମସ୍ତ ସମ୍ପାଦକ ଓ ସମ୍ପାଦିକାମାନଙ୍କୁ 'ହଂସଧ୍ୱନି' ପ୍ରକାଶକାଳରେ କୃତଜ୍ଞତା ଜ୍ଞାପନ କରୁଛି ।

# ମୁଖଶାଳା

ପ୍ରେମ ସବୁବେଳେ ପ୍ରାର୍ଥନା, କବିତା ସବୁବେଳେ ଆକାଶ । ସେଥିପାଇଁ କଢ଼ରୁ ପୁଲକିତ ମୁହୂର୍ତ୍ତକୁ ମୁକୁଳିବାକୁ, ଫୁଲଟିଏ ହୋଇ ସୁଗନ୍ଧ ବିତରଣ କରିବାକୁ କେତେ ସମୟ ଲାଗେ କି ? ରାତିଟିଏ ତ ! କବିତାର ବିଭୋରପଣ, ମୃଗନାଭି ବାସ୍ନାକୁ ଶବ୍ଦର ଚିତ୍ରପଟରେ ତୋଳି ରଖିବାର ଅନାଘ୍ରାତ ଇଚ୍ଛା ହିଁ ବାରମ୍ବାର କବିତାକୁ ଜନ୍ମଦିଏ । ତେଣୁ ଭିଜା ଭିଜା ମାଟିର ଗନ୍ଧରେ ସ୍ୱପ୍ନକୁ ଶୋଷି ନେଇ ଶବ୍ଦରେ ଉତାରିଦେବାକୁ କବିତା ସବୁବେଳେ ତତ୍ପର, ପୁଣି କବି ଉଚ୍ଛନ୍ନ । କବିତାକୁ ଆହୁରି ଅନ୍ତରଙ୍ଗତାରେ, ନିବିଡ଼ ଆତ୍ମୀୟତାରେ ଭରିଦେବାକୁ, କବିତାରେ, ପ୍ରେମରେ ଆହୁରି ତିନ୍ତେଇ ଦେବାକୁ କବି ଚିରକାଳ ସ୍ୱପ୍ନ ଦେଖେ ।

ନିତିଦିନିଆ ଜୀବନରେ ଘଟୁଥିବା ଅସଂଖ୍ୟ ଘନଘଟା, ନିଜର ସୁଖଦୁଃଖର ପ୍ରତିକ୍ରିୟା, ସାମାଜିକ ଜୀବନଟିଏ ଜିଉଁଥିବା କବି ମଣିଷଟିର ସାମଗ୍ରିକ କ୍ରିୟା କଳାପ ମଧ୍ୟ କବିତାରେ ପ୍ରତିଫଳିତ ହେବାକୁ ବାଧ୍ୟ । ସେଥିପାଇଁ ଯଉତୁକ ନିଆଁରେ ଜଳିଯାଉଥିବା ଝିଅଟିର ପାରିବାରିକ, ସାମାଜିକ ବ୍ୟବସ୍ଥା, ଲାଞ୍ଚନଦେଲେ କୌଣସି କାମ ନ ହେବା, ଦାରିଦ୍ର୍ୟରୁ ପିଲା ବିକ୍ରି, ନିଜର ସମସ୍ତଯୋଗ୍ୟତା ଥାଇ ଭଲ ଚାକିରୀଟେ ନ ମିଳିବା, ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇ ନପାରିବାର ବ୍ୟର୍ଥତା ମଧ୍ୟ କବିକୁ ଆକ୍ରାନ୍ତ କରେବୋଲି ସେ ନିଜର ମୁକ୍ତ ସ୍ୱରକୁ, ସ୍ୱାଧୀନ ବିଦ୍ରୋହକୁ କବିତାରେ ରୂପାୟିତ କରେ ।

ସେ ଯେମିତି ଜୀବନ ଜୀଇଁଛି, ଯେମିତି ପାଇଛି, ତାହାହିଁ ପ୍ରକାଶ କରିଛି । ମେହେନତି ଶ୍ରମଜୀବୀ ମଣିଷଟିର ମାଆ ପରି ପ୍ରିୟ ଚାଷଜମିକୁ ଜବରଦସ୍ତ ହଡପ୍ କରିନେଇ, ତାକୁ ତା'ର ଭିଟାମାଟିରୁ ଶିଳ୍ପାୟନ ନାମରେ ବିସ୍ଥାପିତ କରିଦେଇ, ତାର ଭାତହାଣ୍ଡି ଫଟେଇ ତାକୁ ଭୋକଶୋଷରେ ରହିବାକୁ ବାଧ୍ୟ କରୁଥିବା ତଥାକଥିତ ଶାସକଗୋଷ୍ଠୀ, ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ବିଦ୍ୱେଷର ବୀଜ ବୁଣୁଥିବା ଭୋଟ୍ ରାଜନୀତି, ନିରୀହ ମଣିଷକୁ ହତ୍ୟା କରୁଥିବା, ଧନ ସମ୍ପଦ ଲୁଣ୍ଠନ କରୁଥିବା ଆତଙ୍କବାଦୀ ... ଏ ସମସ୍ତ  ନିଷ୍ଠୁର ବାସ୍ତବ ଘଟଣା ତାକୁ ଆକ୍ରାନ୍ତ କରେ, ତେଣୁ ସେ ବିଦ୍ରୋହର ସ୍ୱର ଉଠାଏ । ଶବ୍ଦକୁ ଅଗ୍ନିବର୍ଷି କବିତାରେ ରୂପଦିଏ ।

ତଥାପି ଝଙ୍କାଡ଼ାଢ଼ରେ ଲାଖି ରହିଥିବା ଚିତ୍ରିତ ପ୍ରଜାପତି, କୁନି ଝିଅ ମୁହଁର ନିଷ୍ପାପ ନୀରିହତା, ମାଆକୋଳର ଅପୂର୍ବ ଉଦାର ଉଷ୍ମତା, ପ୍ରେମିକାର କଅଁଳିଆ ମହୁଲିଆ ସ୍ପର୍ଶ, ତାରା ଭରି ଆକାଶର ମୌନତା, ଜହ୍ନର ଆବେଗମୟ ବାସ୍ନା ବି କବିକୁ ସମପରିମାଣରେ ଉତ୍ଫୁଲ୍ଲିତ କରେ । ତେଣୁ କବିତା ହୁଏ ଅବିନାଶୀ, କବି ହୁଏ ଅନନ୍ତ, ଅଜର, ଅମର, ଅକ୍ଷୟ ।

ମହିମ୍ନ କବିତାର ଶଙ୍ଖଧ୍ୱନି ଭିତରେ କବି ଜଗତକୁ ଏକ ନୂତନ କାବ୍ୟଚେତନାରେ ପରିଶୀଳିତ କରେ ବୋଲି ତ ସେ ସ୍ରଷ୍ଟା, ସତ୍ୟବାକ୍, ଜିଜ୍ଞାସୁ ! ସେହି ମହିମ୍ନତି କବିତାର ଅନୁପମ ଗୁଞ୍ଜରଣ ଭିତରେ ମୋର ଅମାନିଆପଣ ମୋତେ କବିତା ଲେଖିବାକୁ ଅନୁପ୍ରେରିତ କରିଛି ବୋଲି, ମୋର ଦୁଃସାହସକୁ କ୍ଷମା କରିବେ ।

ଶ୍ରୀପଞ୍ଚମୀ, ୧୧.୦୨.୨୦୦୮
ଛତ୍ରପୁର



ଦଙ୍ଗାରଖଣ୍ଡାରେ ସେମାନେ ଆମର କଦଳୀବଣ ଧ୍ୱଂସି ଦେଲେ, ହଳଦୀକିଆରୀକୁ ଶାଳ ଗଣ୍ଡିର ନିଆଁରେ ଜାଳିଦେଲେ, ଅନ୍ଧାରରାତିରେ କୁଡ଼ିଆ ଭିତରକୁ ପଶିଗଲେ, ମହୁଫେଣାରେ ହାତମାରିଲେ, ବହୁ ଦିନରୁ ସଞ୍ଚିତ ଲାଜ ମହତ, ଇଜ୍ଜତତକ ଲୁଟିନେଲେ, ଏବେ'ତ ଦୁଃଖ ସରୁ ନାହିଁ, ଦିନ ସରୁ ନାହିଁ,ମିତଣୀଲୋ, ଆମେ ଯିବା କୁଆଡ଼େ ?

– ଜଳରଙ୍ଗର ଚିତ୍ର, ମୂଳଶିଳ୍ପୀ ଶ୍ରୀମତୀ ଅମ୍ରିତା ଶେର୍-ଗିଲ୍

ଅନୁସର୍ଜନା : ସ୍ନେହସାଗର ସାବତ

# ସୂଚୀପତ୍ର


| | |
|---|---|
| ପ୍ଲାଟଫର୍ମ | ୧୧ |
| ରୁଟିଖଣ୍ଡେ | ୧୩ |
| କୋହ | ୧୫ |
| ଅଣ୍ଟିଏ ସପନ | ୧୭ |
| ନୂଆବର୍ଷ | ୧୯ |
| କବି | ୨୦ |
| କବି - ୨ | ୨୨ |
| କବି - ୩ | ୨୩ |
| କବି - ୪ | ୨୫ |
| କବି - ୫ | ୨୭ |
| ତମେ | ୨୮ |
| ଫୁଲଫୁଟା ମୁହୂର୍ତ୍ତ | ୩୦ |
| ଖରା | ୩୨ |
| କୁବ୍ଜା | ୩୪ |
| ଶିକୁଳି | ୩୭ |
| ଭାଗ୍ୟ | ୩୯ |
| କ'ଣ ମାଗିବି କୁହ, ତୁମ ପାଇଁ | ୪୧ |
| ଟୋପାଏ ବିଶ୍ୱାସ | ୪୪ |
| ବର୍ଷା | ୪୬ |
| ଅପେକ୍ଷାରେ | ୪୭ |
| ଦୁଃଖ | ୪୯ |
| ଯୂପକାଠ | ୫୧ |
| ତସ୍‌ଲିମା | ୫୪ |
| କନ୍ଧମାଳ | ୫୮ |
| କାର୍‌ଗିଲ୍ | ୬୧ |
| ବିଭୋରପଣ | ୬୩ |
| ଅନୁରାଗ | ୬୪ |
| ମେଘ | ୬୫ |
| ଭୂମିକା | ୬୬ |
| ଅମରୀଲଟା | ୬୮ |
| ବିଚାରକର | ୭୦ |
| ଖୋଲିବି କହୁଛିପରା | ୭୨ |



ହଁ, ମୁଁ ଏକଥା କହିଥିଲି ନା...?

ଚିତ୍ର ସୌଜନ୍ୟ : ବି. ପ୍ରଭା

# ପ୍ଲାଟଫର୍ମ

ଅଚିହ୍ନା ପ୍ଲାଟଫର୍ମରେ ଓହ୍ଲାଇ
ପଚାରିଲି ସହରର ନାମ
କେତେଜଣ ଚାହିଁଲେ, ମୋ ମୁହଁକୁ
ଅନାଗତ ବିସ୍ମୟରେ
ପୁଣି ଦୋହରାଇଲି
କିଛିପାଦ ଆଗକୁ ବଢ଼ିଲି
ଅଜଣା ଭୟରେ ସାରା ଦେହ ଥରୁଥିଲା

ଚତୁର୍ଦ୍ଦିଗ ଅସମ୍ଭବ ଖାଁ ଖାଁ
ଖରାଟା ଦାଉ ସାଧୁଥିଲା
ତଥାପି ସାହସରେ ପଚାରିଲି ଜଣକୁ
କି ଜାଗା ଏଇଟା
ବିଡ୍ ବିଡ୍ ହୋଇ ଲୋକଟା ଯେତିକି କହିଲା
ଅନାଗତ ଆଶଙ୍କାରେ
ଅସ୍ଥିମଜ୍ଜା ଶିହରିଗଲା
ନିଜକୁ ଧିକ୍କାରିଲି
କି ମୂଢ଼ପଣ ମୋର
ନିରୁଦ୍ଦିଷ୍ଟ ରାସ୍ତାରେ ମତେ
ଓହ୍ଲାଇଲା ଅଚିହ୍ନା ପ୍ଲାଟଫର୍ମରେ
ଯେଉଁ ସହରର ନାମ 'ମୃତ୍ୟୁ' ।
ତେଣୁ ଏଠି କିଛି ପଚାରି ଲାଭ କ'ଣ
ଅନିଚ୍ଛାରେ ବାଟ ଚାଲୁ ଚାଲୁ
ଆକସ୍ମିକ ଭାବେ
ମୃତ୍ୟୁ ସହରରେ
ପହଞ୍ଚିବାକୁ ବାଧ୍ୟ ।

ତମ ଇଚ୍ଛା ଅନିଚ୍ଛା କ'ଣ
ମାଡ଼ିମକଚି ଛେଚିକୁଟି
ଯାହା ହୁଅ ପଛେ
ତମେ ଏଠି ଫୋଟିବ
ଶୂନ୍ୟକୁ ଡାକ
ରକ୍ତମାଂସ ହାଡ଼କୋଷ ବାରମ୍ବାର
ନିର୍ମମ ଇଚ୍ଛାରେ ନିଃସ୍ୱ
ହେଉଥିଲେ ବି
ବରଫର ଶୋକରେ
ଅହର୍ନିଶ ତରଳୁଥିବ
ପୁଣି ବେଳେବେଳେ ଇଚ୍ଛା ହୁଏ
ସୁଖର କଦମ୍ବ ଫୁଲର
ଝଡ଼ିଯିବା ଉଡ଼ିଯିବା ବାସ୍ନାକୁ
କାନ୍ଥରେ ଚିତ୍ରିତ କରିଥାନ୍ତି
ଶୂନ୍ୟତାର ମେଘନାଦ ପାଚେରୀ
ଭାଙ୍ଗି ଜନ୍ମର ଠିକଣା
ଖୋଜଥାନ୍ତି,

ହେ ମୋର ଭାଇବନ୍ଧୁ, କୁଟୁମ୍ବ ସୋଦର
କାହିଁକି ଭାଙ୍ଗିଲ
ସ୍ୱପ୍ନ ମୋର, ଧୂଳିଖେଳ ମିଛିମିଛିକା ବାହାଘର
ଅମ୍ୟାନିଅପଣ ଆଉ ମିଛର ସୁଖ ସକାଳ
ସବୁ ଛାଡ଼ିଛୁଡ଼ି ଦେଇ
କିଏ କୁଆଡ଼େ ଗଲେ
କାହାର ଠିକଣା କାହାକୁ ବା ଜଣା
ଝୁରିଲେ ଦୁଃଖ ସିନା
ଅତୀତ ଫେରେନା ।

□

## ରୁଟିଖଣ୍ଡେ

ରୁଟିଖଣ୍ଡେ ବୋଲି
କେତେ ନେହୁରା
କାନ୍ଦୁଣ୍ଡ ମାନ୍ଦୁଣ୍ଡ
ହୃଦୟ କାହାର ତରଳେନି
କୁକୁରକୁ ପଛେ ରୁଟିଖଣ୍ଡକ
ଦେଇଦେବେ
ମଣିଷକୁ ନୁହେଁ
କୁକୁର ଛାଡ଼ିଥିବା ଅଇଁଠାରୁଟିରୁ
ଚିମୁଟାଏ ପାଇବାକୁ
ଅସନା ମଳିଚିଆ ନେସ୍ତମା
ପିଲାଗୁଡ଼ାକ ଝାମ୍ପିପଡ଼ନ୍ତି,
ନାଳକଡ଼େ, ଷ୍ଟେସନ୍ ତଳ ଝୁପୁଡ଼ି ବସ୍ତିରେ
ହାଡୁଆ ରୋଗୀଣା ଖଙ୍କା ପେଟର
ଖୋଲା ପ୍ରଦର୍ଶନୀ ବସେ
ସହରରେ କିନ୍ତୁ ବେଶ୍
ନୂଆ ନୂଆ କୋଠାଘର ଗଢ଼ିହୁଏ
ରାସ୍ତାଭର୍ତ୍ତି କାର୍ ସ୍କୁଟର
ବସ୍ ଟ୍ରକ୍‌ରେ
ପାଦଚଲା ରାସ୍ତା ବନ୍ଦ ହୁଏ
ଚାରିଆଡ଼େ ଭର୍ତ୍ତି ବଜାର
ସବୁମିଳେ ଏଠି

ଲୁଗାପଟା, ଭାତ, ଡାଲି
ସ୍ନୋ ପାଉଡ଼ର, ମାଛମାଂସ
ସ୍ନେହଶ୍ରଦ୍ଧା ଘର ପରିବାର
ତମର ଯଦି ମନହେଲା
ପକେଟରେ ଖୁବ୍ ପଇସା
ଆଉ ଡର କ'ଣ ?
ହୃଦୟ ନାମକ କିଣା ପଲିଥିନ୍ ପ୍ୟାକେଟ୍‌କୁ
କାର୍‌ର ପଛସିଟ୍‌ରେ ଫୋପାଡ଼ିଦେଉନ
ଥାଉ ! କାନ୍ଦୁଛ କାହିଁକି
ଲୁହ ତ ଆଉ ଲୁଣିଆ ଲାଗୁନି
କଣ୍ଟାକ୍ଟଲେନସ୍ ଆଖିରେ ଲଗେଇଛ
ଲୁହ ତ ଶୁଖିଯାଇଛି
ଆଲୁଅ ପଡ଼ିଲେ ଖାଲି
ଯାହା ଚିକ୍ ଚିକ୍ ଦିଶୁଛି
ମନ ତ ପ୍ଲାଷ୍ଟିକ୍ ଫୁଲଦାନୀରେ
କେବେ ଠୁଁ ସଜା ହୋଇଛି
ତମର ଦରଦ ତ
ଶବ୍ଦରେ, ବାକ୍ୟରେ
ବହିରେ ଯାହା ଲେଖାହୋଇ
ସାଇତା ହୋଇଛି
କେବେ କେମିତି ରିଡିଂ ରୁମ୍
ଖୋଲା ହେଲେ
ଚଉକିଦାର ଝାଡ଼ୁଣୀରେ
ଆଲ୍‌ମିରା ଝାଡ଼ିଦେଉଛି
ତମେ ତ କେବେଠୁଁ ଫସିଲ୍ ପାଲଟିଛ
କମ୍ପ୍ୟୁଟରରେ ଫିଡ୍ କଲେ ବି
ତମେ ଏତେ ପୁରୁଣା ଯେ
ବାରମ୍ବାର ଝଡ଼ିପଡୁଛ ।

□

# କୋହ

ଦିକ୍ ଦିକ୍ ସ୍ମୃତି ଜଳେ
ଲୁହ ଟଳମଳ ପୃଷ୍ଠା ଝାପ୍‌ସା ଦିଶେ
ଛୁଇଁବାକ ବୋକଦେବାକୁ
ଓଠ ଝୁରେ
ସେଦିନ ତମେ ମୁଖାପିନ୍ଧି
ପାଦ ଟିପି ଚୁପ୍‌କିନା ଖସିଗଲ
ଛାଡ଼ିଦେଇ ଅସରନ୍ତି ଦୀର୍ଘଶ୍ୱାସ
ପ୍ରେମରେ କୋହ
ସ୍ପର୍ଶରେ ଶିହରଣ
କଢ଼ର ବାସ୍ନାରେ
ରଖିଦେଇ କୋହର ସନ୍ତାପ
ସ୍ୱପ୍ନମୟ ନିଦର କୋଳ
ଉଷୁମ ହୁଏନି
ଗୀତ ଆଉ ଗାଏନି ମୁଁ
ତଥାପି କବାଟ ଖୁଡ଼୍‌କିନା ହେଲେ
ଚମକି ଚାହେଁ
ଶୁଭୁନି ଆଉ ତମର ସେ ଚୁପିଚୁପି କଥା
ଆକଣ୍ଠ ଆଲିଙ୍ଗନର ଅପାଶୋରା ବ୍ୟଥା

ମୁଁ ଜାଣେ ତମେ ଆଉ ଚୁର୍ ହେବନି
ମୋ ଗେହ୍ଲାର ତରଳ ବାମ୍ଫରେ
ଯେଉଁଥିରେ ମନରେ ନିଆଁ
ଦେହରେ ନିଆଁ
ବାରମ୍ବାର ପେଶୁଥାଏ
ରକ୍ତମାଂସ ହାଡ଼ର କଲିଜା
ଅଶରୀରୀ ସ୍ମୃତିର
ପରସ୍ତ ପରସ୍ତ ନୋଚାକୋଚା
ରୁଦ୍ଧ ଅଭିମାନରେ
ଅବିରର ରଙ୍ଗବୋଳି ହେଇଯାଏ
ଅଙ୍ଗାରର ଦଗ୍ଧ ଜ୍ୱଳନରେ
ଆଉଁଷି ଅଣ୍ଡାଳି ଛେଚିକୁଚି
ନିଜକୁ ଯେତେ ଥାପୁଡ଼ାଇଦେଲେ ବି
ପ୍ରିୟତମ ସ୍ମୃତିର ବତୁରା କୋହରୁ
ମୁକୁଳି ହୁଏନି
କି ତମ କପଟତାର ଆହ୍ଲାଦରୁ
ମହୁତକ ଶୋଷି ହୁଏନି ।

□

# ଅଣ୍ଟିଏ ସପନ

ସବୁପ୍ରିୟ ମଣିଷଙ୍କ ମୁହଁ
ହସକାନ୍ଦ ମାନ-ଅଭିମାନ
ରାଗରୁଷା, ହାତ ଧରାଧରି ହୋଇ
ବାଟ ଚାଲୁଥିଲା ବେଳେ
ସରିଯାଏ
କେମିତି କେଉଁ ଛଟକରେ
ଆପଣାର ମୁହଁଟି ଲୁଚିଯାଏ
ପୁଣି ଦିନ ଆସେ, ସବୁରାତି ପରେ
ଖିଆପିଆ, ଅଫିସ୍, ହୋହଲ୍ଲା
ସ୍କୁଲ୍, ଭେଁ ଭେଁ କାନ୍ଦ
ରୁଟିନ୍‌ରେ ଚାଲେ
ରଜ, ଦଶହରା, ଜନ୍ମଦିନ, ମାଣବସା, ଜନ୍ମାଷ୍ଟମୀ
ବାହା, ବ୍ରତ, ଏକୋଇଶା
କିଛି ଅଟକେନି
ମାମୁଲୁ, ବାବୁଲୁ
ଧୂଳିରୁ ସିଢ଼ି ଚଢ଼ନ୍ତି
ପାହାଚ, ପାହାଚ
ଖୁସିରେ ବିଭୋର ମୁହଁ
କଥା ତ କିମ୍ବଦନ୍ତୀ ହୁଏନା
ଇତିହାସ ପାଲଟେ
ଫଟୋଫ୍ରେମ୍, ଶ୍ରାଦ୍ଧ, ଜନ୍ମଦିନ, ଫୁଲ
ନିରୋଳାରେ ଖରାବେଳେ ସ୍ମୃତିଝୁରେ
ତମ ଆବେଗର ନିଗିଡ଼ା ପଣରେ

ଏ ଘର ଦ୍ୱାର ଅଳିନ୍ଦ ସଦାବେଳେ
ଚିକ୍ ଚିକ୍ ଦିଶୁଥିଲା
ଚିବୁକରୁ ଲାଜର ଲାଲି ଫୁଟୁଥିଲା
ଓଠରେ ନଇଁ ପଡୁଥିବା ମୁହୂର୍ତ୍ତକୁ
ଛାତିରେ ଜାକି
ଉଷୁମ ଚୁମା ଦେବାକୁ
ଅଲିଅଳ ଇଚ୍ଛା ଥିଲା
କେବେ କେମିତି ହାତମୁଠାରୁ
ପୁଲକିତ ମଧୁରିତ ଶିହରଣ
ଖସି ଯିବନି ବୋଲି
ଖୁବ୍ ଆସ୍ତେ
ପାଦଟିପି ଟିପି
ନୀରବରେ ଚାଲୁଥିଲେ ବି
ସରୁନଥିଲା ... କିଛି ସରୁନଥିଲା
ଅଣ୍ଟିରେ ଆଞ୍ଜୁଳା ଆଞ୍ଜୁଳା ଫୁଲ
ଗୋଟାଉଥିଲେ ବି
ଜମା ମନେ ପଡୁନଥିଲା
ଦମକାଏ ଭାରିପବନରେ
ଦିନେ ସବୁ ଆଲୁଅ ଲିଭିଗଲା
ଧଡ଼ଧାଡ଼ କବାଟ ଝର୍କା ପିଟିହେଲା
ମହମବତୀଟା ଖୋଜୁ ଖୋଜୁ
ଝୁଣ୍ଟି ପଡ଼ିଲି ବୋଲି
ଅଣ୍ଟିର ସାଇତା ଫୁଲତକ ବିଞ୍ଛିହେଲା
ରକ୍ତଝରିଲା / ସ୍ୱପ୍ନ ଅଧା ରହିଗଲା
ବର୍ଷା ଥମିଗଲା ସତ
ପୁଣିଥରେ ବତୀ ସବୁ
ଜଳିଲା ଯଦିଓ
ଘର ଅଗଣା ଦାଣ୍ଡବାରି ରାସ୍ତାଘାଟ
କେତେ ଖୋଜିଲି ... ଦରାଣ୍ଡିଲି
ହେଲେ ଅଣ୍ଟି ନଥିଲା କି ଫୁଲ ନଥିଲା ।

□

# ନୂଆବର୍ଷ

ନୂଆବର୍ଷ, ନୂଆ ମଣିଷ ପରି
କେତେ ଆପଣାର
ସ୍ନେହ ସରାଗର ନୂଆ ସକାଳକୁ
ମହୁମାଛିଟିଏ ପରି
କେତେ ସ୍ୱପ୍ନରେ, ମୋହମୟ କରେ
ଛମ୍ ଛମ୍ ପାଦରେ ତା'
ଗଛର ପତ୍ର କଅଁଳେ
ହଳଦୀବସନ୍ତ ଡେଣାରେ
ବୋଳିହୁଏ ପ୍ରୀତିର ରଙ୍ଗ
ଗ୍ରହ, ତାରା ନକ୍ଷତ୍ର, ଅନନ୍ତ ଆକାଶ
ଆପଣାର ଲାଗେ
ପକ୍ଷୀର କାକଳି ପରି
ପୁଣି ସ୍ନେହଶୀଳ ମମତାରେ ଜରଜର
ସ୍ୱରରେ ବାସ୍‌ମତି ଲତାର କୁହୁକ
ଆଉ ତରଳ ମୃଗମଦରେ
ତିନ୍ତେଇଦିଏ ମୋର ସ୍ୱପ୍ନମୟି ଅସ୍ତିତ୍ୱ
କହିଯାଏ, ଖୁବ୍ ଧୀରେ
କାନେ କାନେ ଜୀବନସତ୍ୟ ....
ସତ୍ୟ

□

# କବି

ମହାନୀରବତାର କବି !
ତମକୁ ପଚାରେ ଆଜି
ପଣ କ'ଣ କରିଥିଲ
ସହିବାକୁ ଅସଂଖ୍ୟ ଆଘାତ !
ଅସଂଖ୍ୟ ଶବ୍ଦର ଭିଡ଼ରେ
ଜାକିଜୁକି ଶୋଇଥିବା ମନଟି
ପୁଣି ଥରେ ହେଲାଣି ଜାଗ୍ରତ ।

ଏବେ ପୁଣିଥରେ କବିତା ଲେଖିବାର
ଆଘାତ ସହିବାକୁ ପ୍ରସ୍ତୁତ ହୁଅ
ତମେ ନିଶ୍ଚେ ଜାଣିଛ
କେଉଁପରି କବିତାକୁ
ଲୁହରେ ପଖାଳି
କରିଥାଅ ବେଶୀ ପ୍ରୀତିମୟ
ସେଥିପାଇଁ ବୋଧହୁଏ
ଆଲୁଅ ହଠାତ୍ ଆସି, ଚାଲିଯାଏ
ଅନ୍ଧାରରେ ଲୁଚିଥିବା
ଢେଉସବୁ ଝଲସନ୍ତି
ମୋ ମନର ମହାସାଗରରେ
ସାରା ଜୀବନର ସବୁ ଦୁଃଖ ଅଭିମାନ

ମୁଁ ପାସୋରିଦିଏ
ସେଇ ମୁଗ୍ଧ ମୁହୂର୍ତ୍ତରେ ।

ଏହାହିଁ ଜୀବନ ମୋର
ନିଜପ୍ରତି ଶତ୍ରୁତା ନିଜର
ଅଜସ୍ର ଅଜସ୍ର ବି ପ୍ରେମ ନିଜପ୍ରତି
ତମର ଶୁଖିଲା ମୁହଁ
ଯେତେବେଳେ ଦିଶେ
ଇଚ୍ଛାହୁଏ ତମ ଲୁହପୋଛି
ତମର ଓଠରେ
ମୁଁ ଅଜସ୍ର ଚୁମ୍ବନ ଦିଅନ୍ତି
ଇଚ୍ଛାହୁଏ ତମେ ମତେ
ସାନ୍ତ୍ୱନା ଦିଅନ୍ତ
ତମ ପ୍ରତିଅଙ୍ଗର ସ୍ୱରରେ
ସେ ସ୍ୱର, ମୋ ନିଜ ସ୍ୱର ପରି ଶୁଭୁଥିବ
ଶୁଭୁଥିବ ସମୟର ସେ ପାଖରୁ
ମୋ ପରିଚିତ ନଈକୂଳ ଅନ୍ଧାର ଭିତରେ
ତମେ ଯେତେବେଳେ ଚାଲିଯିବ
ସେତେବେଳେ କେତେଶହ
ଆସୁ ଆସୁ ଲାଖି ରହିଯିବ
କାନ୍ଦ କାନ୍ଦ କଇଁଫୁଲମାନଙ୍କ କଣ୍ଠରେ ।

□

# କବି – ୨

କବି ! କେତେ ଧାଡ଼ି ମନେପଡ଼େ
ତମ କବିତାର
ଯେତେବେଳେ ପୂନେଇଁର ଜହ୍ନ ଉଇଁଆସେ ।
ସେତେବେଳେ ପୋଖରୀରେ
କଇଁଫୁଲ ଫୁଟେ
ଦିଗଦିଗନ୍ତ ମହକିତ ହୁଏ ତା ବାସ୍ନାରେ
କେତେ କୋଟିଥର ଜହ୍ନ ଉଇଁଲାଣି
କିନ୍ତୁ ପ୍ରତିଥର ସଞ୍ଜବତୀ ଜାଳିଲା ବେଳକୁ
ତମକଥା ମନେପଡ଼େ ତଉରା ମୂଳରେ
ତମ କାନ୍ଦ କାନ୍ଦ ମୁହଁ ପ୍ରତିଥର ଦିଶେ
କେତେ ସହସ୍ରାବ୍ଦ ପରେ
ପୁଣି ଯେବେ ଜହ୍ନ ଉଇଁବ
ମୁଁ ସଞ୍ଜବତୀ ଜାଳିଲାବେଳକୁ
ତମେ ପୁଣି ଉଭା ହେବ
ତଉରା ମୂଳରେ
ମହକାଇ ଖଣ୍ଡମଣ୍ଡଳକୁ
ଏ ଘଟଣା କ'ଣ କେବେ ଘଟିବ
ଯଦିବା ଘଟେ
କ'ଣ କଦାପି ସରିବ ?
ମୋର ପରିପୂର୍ଣ୍ଣ ଏବଂ ହସହସ
ଦେହ ତେଇଁ
ତମେ କେଉଁ ଆଡ଼େଯିବ ?

□

# କବି – ୩

ସ୍ମୃତିର ପକ୍ଷୀସବୁ
ମନର କଦମ୍ବ ଶାଖାରେ,
ତୃଷ୍ଣାର ରାତିଜଗା ପକ୍ଷୀସବୁ
କରୁଥାନ୍ତି ବାରମ୍ବାର ଡେଣା ଫଡ଼ଫଡ଼
ପ୍ରାଣର ଯମୁନା ତୀରେ
ହେ ହୃଦୟର ଫୁଲ ! କବିର ଅସୀମ ହୃଦୟ
ଉନ୍ମୁକ୍ତ ଆକାଶର ତାରାଭର୍ତ୍ତି
ଫୁଲଭଳି
ଦେଉଥାନ୍ତି ଅସରନ୍ତି ଆଲୋକ
ଚେତନାର ଦୀପଶିଖା ତେଜି
ନାଭି, ନିଃଶ୍ୱାସ ସ୍ନାୟୁର ସ୍ମୃତିଭଳି
ତମକୁ ମୁଁ ଅସ୍ଥିମଜ୍ଜା ରକ୍ତକୋଷ
କମ୍ପନରେ ଆଉଁଷିଦିଏ
ତରଳ ମୃଗମଦ ସ୍ନେହରେ ତିନ୍ତେଇ ଦିଏ
ଯାଅ ଯାଅ ମୋ ଆଖିର ଲୁହ ସବୁ
ମୋ ମନର ଛଳଛଳ ଦୁଃଖମାନେ
ଚାଲିଯାଅ ... ଯାଅ
ଚାଲିଯାଅ ରାତି ....
ଅନେକ ବର୍ଷୁକୀ ଇଚ୍ଛାର ଅପୂର୍ଣ୍ଣ ଅନ୍ଧକାର
ତଥାପି ଟୋପାଏ ବର୍ଷା ପାଇଁ ତ
ମୁଁ ଆଶା ରଖେ
ଆମେ ଦୁହେଁ ଭେଟାଭେଟି ହେବା
ଶବ୍ଦାୟିତ ସ୍ନେହର ବତୁରା ମୁହୂର୍ତ୍ତରେ
ସେତେବେଳେ ତମେ କ'ଣ
ଖାଲିହାତ ହେଇ ପହଞ୍ଚିବ ?
ଅସ୍ଥିମଜ୍ଜା ଜଳିଯିବ/ଓଦାଓଦା ହାଓ୍ୱାଟି ଆସିବ
କଣ୍ଠସ୍ୱର ତମର ଶୁଭିବ

ତୃଷିତ ମାଟିର ପାଦଶରେ
ଅନୁଭବର ଆଷାଢ଼, ଆଷାଢ଼ଗନ୍ଧରେ
ବାରମ୍ବାର ତମେ କଣ୍ଟା ଫୋଡ଼ି ହେବାର
ଅନାହୂତ ଯନ୍ତ୍ରଣାରେ ଜଳୁଥିବ
ରୁହ ! ଦଣ୍ଡେ ଅଟକିଯାଅ ।
ଏଇ ଶୁଣ ! କେଉଁଦୂର ଗଡ଼ଜାତ
ବର୍ଷାରାତି, କେଉଁ ସିକ୍ତ ସ୍ମୃତିର ଶ୍ରାବଣ
ବାରମ୍ବାର ମନେପଡ଼େ ଆଜି
କା' ଆଖିର ଉପତ୍ୟକା ଡେଇଁ
କବି ! ତମେ ପହଞ୍ଚିଲ
ଏ ଶିଉଳିଲଗା ସମୟରେ
ଶୁଣ, ତେବେ ଶୁଣ ମୋର ସବୁ
ଅସହାୟପଣ ଓ ସବୁଯାକ ଅନିଦ୍ରା
ତମର
ତମର ବି ମତେ ବେଳେବେଳେ
ମିଳୁଥିବା ଟୋପାଏ ଦି'ଟୋପା
ମହୁ ମୋର ସବୁ ଆକାଂକ୍ଷାର
ଏଠି ଟୋପାଏ ମହୁ ପାଇଁ ତ
ଶବ୍ଦକୁ ଶବ୍ଦଡାକେ
ହାତବଢ଼ାଏ, ବୋବାଦିଏ, ଗେଲକରେ
ସେତିକିରେ ପବନ ବହେ
ଜହ୍ନ ଉଏଁ
ଧାନଶିଷାଁରେ ଦୁଧଭର୍ତ୍ତି ହେଇଯାଏ
ଅମାନିଆ ନଈସବୁ ସମୁଦ୍ରକୁ
ଧାଇଁଯାନ୍ତି ଉଦ୍‌ବେଗରେ
ଆଉ ମୁଁ ବି ମିଶେ
ତମର କୋଳରେ ।

□

## କବି – ୪

ହୃଦୟରେ ଭଲପାଇବାର
କଣ୍ଟାଟେ ଫୁଟିଲେ
ଅଗଣାରେ ରକ୍ତ ଝରିଯାଏ
ଏକା ଏକା ବାଟ ଚାଲୁ ଚାଲୁ
ହଠାତ୍ କା' ପଶମ ସ୍ନେହ ଆଉ ଲୁହ
ସଂଚରିଯାଏ ମନଅଗଣାରେ
ତୁମେ ଜାଣିଛ କି କବି !
କବି ହେଲେ ନିଶ୍ଚିତ ଯନ୍ତ୍ରଣା ମିଳେ
ନିରବଧି ଯନ୍ତ୍ରଣାରେ ଜଳିବାକୁ ହୁଏ
କେବେ ଯଦି ଅପବାଦ ନାଗରା ବାଜେ
ତୁମ ମନ ଝାଉଁଳିପଡ଼େ
ଏବଂ ତୁମେ କ୍ରମଶଃ ଜଡ଼ିଯାଅ
ସେହି ମାହେନ୍ଦ୍ର ମୁହୂର୍ତ୍ତରେ
କିନ୍ତୁ କବିତା ସୃଷ୍ଟିର ପ୍ରତ୍ୟୟ
ଜନ୍ମିଯାଏ ନିଶ୍ଚିତ ଭାବରେ
ହେ କବି ! ଅବାଟରେ
ଯାଉ ଯାଉ ଝୁଣ୍ଟିଲ କି ?
ଆହା ! ମୋ ବାୟାଟା ପରା ଆସ
ଆଉଁଷିଦେବି ପାଦକୁ ତୁମର

ମୁଁ ଜାଣେ ...
ବାଟ ଚାଲିବାର ନୂଆ ନୂଆ ବାଗ
ଯନ୍ତ୍ରଣାର ମିଠା ମିଠା ଦାଗ
ପାଦରେ ବାରମ୍ବାର ଲାଖି ହେଇଯାଏ
କବି ! ଆଉ ଗୋଟେ କଣ୍ଟା ମାଡ଼ିଲ କି ?
ହୃଦୟରୁ ଝରୁଛି ରକ୍ତର ଧାର
ସତରେ ତାକୁ ଶୋଷିନେବାକୁ
ଓଠ କି ବ୍ଲଟିଂପେପର୍
ନା ଅଛି କ'ଣ ପଣତ କାହାର ?
ଜାଣିଚାଏ ସ୍ନେହ ମିଳିଲାନି ତମକୁ
ଏ ପୃଥିବୀରେ ହଠାତ୍ ଏମିତି
ସ୍ନେହସବୁ ଉଭେଇଗଲା କେବେଠୁଁ
କ୍ଷତି କ'ଣ ନୂଆ ଅନୁଭୂତିଟେ
ତମ କଲମରୁ କବିତାର ରୂପନେବ
ଆଉ ଝୁରିବା ତ ସବୁ କବିଙ୍କର
ସହଜାତ ଗୁଣ
ନଝୁରିଲେ କିଏ କ'ଣ
କେବେ କବି ହୁଏ ?
କଣ୍ଟା ମାଡ଼ିବା ତ ଯେ କେହି
କବିର କପାଳ ଲିଖନ ।

□

## କବି – ୫

ଅସୁମାରୀ ଜୀବନର
ଅହେତୁକ ଦୁଃଖର ବତାସରେ
ଭାଙ୍ଗିପଡ଼େ କବି
ମୁଣ୍ଡପାତି ବିନୟରେ ସହିଯାଏ
ବାଜୁଥିବା ଅପବାଦ ନାଗରା।
ବୟସ ବଢ଼ିବା ସଙ୍ଗେ କବି ବୁଝେ
ସ୍ୱପ୍ନସବୁ ସ୍ୱପ୍ନ ହୋଇ ରହିଯାଏ
ସେଥିରେ ଥିବା ଅନୁଭୂତିର ମିଠାସ୍ୱର
କବିକୁ କରିଦିଏ ମଣିଷ
କଣ୍ଟାରେ ବାରମ୍ବାର ନିଜ ଦେହକୁ
ଫୋଡ଼ିବା ଏକ କବିଧର୍ମ
ସେ ରକ୍ତରେ ଗାଧେଇବା
ଅନ୍ୟଏକ କବିକର୍ମ
କବିତା ଲେଖିବା ଓ କବି ହେବା
କବି ଭଳି ଜୀବନ ଜୀଇଁବା
ଏକା କଥା ନୁହଁ
କବିତା ଲେଖିବାର ଯନ୍ତ୍ରଣାଠୁଁ
କବିହେବାର ଅପଯଶ
ଆହୁରି ଦୁଃଖଦ
କବି ଭଳି ଜୀବନ ଜୀଉଁଥିବା
ସତ୍ୟନିଷ୍ଠ ପାଗଳ କବିଟି
ଯିଏ ଅନ୍ୟପାଇଁ
ସ୍ନେହ ବିଶ୍ୱାସ ପ୍ରତ୍ୟୟରେ
ପିନ୍ଧିଥାଏ କଳଙ୍କର
ପଙ୍କବୋଳା ମୁକୁଟ।

□

## ତମେ

ଆସିବ ବୋଲି
ତ ମୋ ଘରେ ଏତେ
କୋଳାହଳ ହୋହାଲ୍ଲା
ଦାଣ୍ଡ କ୍ରୋଟନ୍ ଗଛରେ ହସ
ମଲ୍ଲୀଫୁଲରେ ହସ
ଘରର ଝର୍କାମାନେ ଆହୁରି
ତେଜିୟାନ୍ ହେଇ
ପବନକୁ ହିଲ୍ଲୋଳିତ
କରି ଦେଉଛନ୍ତି
ମୋ ଶେଯ, ବହି, କଲମ, ଟେବୁଲ୍ ଉପରେ
ମୋ କବିତା ଖାତାରେ
ତମର ସେ ହସହସ
ମୁହଁର ପ୍ରତିଛବି ନେସି ହୋଇଯାଉଛି
ତମେ ଆସିବ ବୋଲି
ବଉଦର ଉଡ୍ଡାଳରେ
ଛପିଥିବା ହସକୁରୀ ଜହ୍ନକୁ
କିଏ ଉଠେଇ ନେଉଛି

ଯେମିତି ତମକୁ
ତା'ର ଅସରା କିରଣରେ
ମାଜିମୁଜି ଏକଦମ୍ ବିହ୍ୱଳିତ କରିଦେବ
ପୁଣିଥରେ ତାରାଫୁଲ ଗହଣରେ
ତୁମକୁ ଛାଡ଼ିଦେଇ ଆସିବ
ତୁମେ ଆସିବ ବୋଲି
ତମର ଅଭାବ ଏବଂ ସାନ୍ନିଧ୍ୟର
କାଳ୍ପନିକ ବ୍ୟବଧାନ ଆଉ ନାହିଁ
ନିଃଶ୍ୱାସର ସେଦିନ ଥିଲାରେ
ମରୁର ଜଳନ
ଶଙ୍ଖ ମଲମଲ ଦେହରେ
ସାଉଁଟିଥିଲି ତୁମ
ଆଙ୍ଗୁଠିର ଭୋକ
ପ୍ରତିଟି ନିଃଶ୍ୱାସର ଝଡ଼କୁ
ସାମ୍ନା କରି ନ ପାରି
ନିଆଁର ନିଶବ୍ଦତାକୁ
ଓଠରେ ଆପୁଥିଲି

□

# ଫୁଲଫୁଟା ମୁହୂର୍ତ୍ତ

କି ଫୁଲ ଫୁଟିଛି କହ
ସୁଗନ୍ଧରେ ଯାର
ପିଲାଦିନ, ବାଲିଘର, ଦୋଳିଖେଳ
ମାଛଧରା, ଜେଜେଙ୍କ ଉଷୁମ କୋଳ
ନିଦୁଆ ସକାଳ/ପୋଡ଼ପିଠା
ମାଣବସା ଗୁରୁବାର
କଣ୍ଢେଇ ବାହାଘର
ମହକୁଚି ଦେଖ
ବୋଉର ମଠାପିନ୍ଧା ଭାରିଗହଣା
ତକ୍‌ତକ୍ ଗୋରା ମୁହେଁ
ବଡ଼ ନାଲିଟୋପା ସିନ୍ଦୂର
ଆଦରରେ ଟଳମଳ ଆଖିଲୁହ
ସୋହାଗର ମୋହମୟୀ ସ୍ପର୍ଶ
ସବୁଦିନେ ଭରିଦିଏ
ଅସରନ୍ତି ବିଶ୍ୱାସ
ନିଜପାଖେ ଏକୁଟିଆ
ଦମ୍ଭହେବାର ପ୍ରତ୍ୟୟ

ଏଠି କ'ଣ
ସେଇ ଫୁଲ ଫୁଟିଛି ?
ଯେଉଁଠି ନନାଙ୍କର ଗମ୍ଭୀର ଟାଣି
ଦିଅଁ ଘରେ ବାଜୁଥିବା ଘଣ୍ଟିଧ୍ୱନି
ଚଣ୍ଡୀପାଠ ଉଚ୍ଚାରଣ
ମଧୁରଂ ମଧୁରଂ ମଧୁରାଧିପତେ ରଖିଳଂ ମଧୁରଂ
ଶୁଭୁଥିବା ମହମହ ଫୁଲର ସୁବାସ
ଖେଳାଇଯାଉଛି ଚହଟିଯାଉଛି ଦେଖ
କୃତଜ୍ଞତାରେ ନଇଁଯାଉଛି
ଏଇ ମୋର ସ୍ୱପ୍ନମୟୀ ଶୈଶବ
ଏବେ ବି ସେଇ ଫୁଲଫୁଟା
ମୁହୂର୍ତ୍ତରେ ଗାଧୁଏ ମୁଁ
ବାସ୍ନାରେ ମତୁଆଲା ହୁଏ
ଆଉ ଶିଶିରଭିଜା ସକାଳରେ
ଡୋଳୁଥାଏ .... ଝୁରୁଥାଏ

□

# ଖରା

ଖରା ଆସେ ପିଜୁଳି ଗଛକୁ
ଖପ୍‌କରି ଡେଇଁଥିବା ମାଙ୍କଡ଼ପରି
ଖରାର କି ଲମ୍ବାଗୋଡ଼
ଦୁଇତିନି ତାଲା ଘର ଉପରକୁ
ଚଢ଼େ ସକାଳୁ ସକାଳୁ
ଫିଟିଥିବା ଝରକାକୁ ରଙ୍ଗକରେ
ଆତୁର ପ୍ରେମିକର
ବ୍ୟାକୁଳ ପଣରେ
ଖରା ଡେଇଁପଡ଼େ
କୋକେଇ ଉପରକୁ
ବିଞ୍ଚିଦେଇ ରୂପାଖଇ
ସୁନାର କଉଡ଼ି
ଖରା ଆସେ ଛପି ଛପି
ତୁମ ମୋ ଭିତରେ
ଥିବା ବ୍ୟବଧାନକୁ
କମାଇ ଦେଇ
ପୋଖରୀ ପାଣିରେ
ପଡୁଥିବା ପ୍ରତିଫଳନକୁ
ହତବାକ୍ କରିଦେଇ
ଖରାଆସେ

କୁହୁଡ଼ିର କୁଳୁପିନ୍ଧି
ଗୁଲୁଗୁଲିଆ ଝିଅର ହସରେ
ମାଆର ପଣତକାନିରେ
ଆକାଶର ପାହାଚରେ
ଖରା ଆସେ
ଠକ୍ ଠକ୍ କରି ଦୁଆରକୁ
ଅରଣ୍ୟ ଅରଣ୍ୟ ଶୋଷର କୋଲପ ହଲାଇ
ଚିହ୍ନ ଛାଡ଼ିଦେଇଥିବା ଚମ୍ପାଡାଳରେ
ଅବିରତ ପ୍ରଶ୍ନ ପଚାରି
ଉଙ୍କିମାରେ ବାହାରର ଗଛଡାଳୁ
ଖରା ଆସେ
ସବୁଦିନ ପରି
ହାତମୁଠାରେ ସମ୍ଭାଳି ରଖିବାର
ଇଚ୍ଛାକୁ ସାଇତି
ହେଲେ ଖରାର ହଳଦିମଖା
ସ୍ୱପ୍ନର ଯାଦୁଘର
ସେମିତି ଅଖୋଲା ରହେ
କେହି ଜଣେ ସୁନାର ଜାହାଜଚଢ଼ି
ସ୍ୱପ୍ନର ଯାଦୁଗର
ଆସି ପାଦଦେବ
ତା'ର ଅଦ୍ଭୁତ କୁହୁକରେ
ଯୁଗଯୁଗର ରୁଦ୍ଧ ଅବଶୋଷକୁ
ଚିତ୍ରମୟ କରିଦେବ
ଜୀବନମୟୀ ମୋହମୟୀ
ସ୍ପର୍ଶରେ ଆଉଁଷିଦେବ

□

# କୁବ୍‌ଜା

ପ୍ରାଣପ୍ରିୟ କୃଷ୍ଣ ମୋର
ଆତ୍ମାର ଦୋସର !
ଛଳ ଛଳ ଲୁହର ସ୍ୟାହିରେ
ତମ ଆସିବା ପଥକୁ
ଇଚ୍ଛାମୃତାବକ ଚିତ୍ରମୟ କରିଦେଇଛି
ରକ୍ତିମ ପାଦ ଦୁଇଟିକୁ
କଳ୍ପନାରେ ଛାକି
କେତେରାତି ଉଜାଗରେ
ବିତିଛି ଯେ ବିତିଛି
ତମ ଘନନୀଳ ମୋହିନୀ ବାସ୍ନାରେ
କୁବ୍ଜାର ଅର୍ଦ୍ଧିତ ଅସୁନ୍ଦର ପଣ
କେତେବାର ଭିଜିଛି ଯେ ଭିଜିଛି
ନଇଁ ନଇଁ ବାଟ ଚାଲୁ ଚାଲୁ
ମାଟିଗନ୍ଧରେ ତଥାପି
ମହମହ ବାସୁଥାଏ ମୋର ଏକ୍‌ଲାପଣ
ସେତେବେଳେ ପବନରେ ଥିରିଥିରି
ଭାସିଆସେ ତମ ନୂପୁରର ଛମ୍‌ଛମ୍
ଜାଣିଛ !
କେତେ ଅଲୋଡ଼ା ଏଇ ମୋର
ଅସୁନ୍ଦରପଣ
ଯା'ର ନିର୍ମମ ବୋଝ ବୋହି ବୋହି

ଅପମାନର ଧାସରେ ସିଝିସିଝି
କଂସର ବେଶଲାଗେ
ମୋ ଶିରାଳ ଆଙ୍ଗୁଠିରେ
ଲିଭେଇଦିଏ ଜମିଥିବା ଯେତେ ସବୁ
ଅରମା କଳା ମଚମଚ ଦାଗ
ଦିନେ ଶୁଣିଲି
ତୁମେ ଆସୁଛ ମଥୁରା
କୋହର କେରି କେରି କୋହସ୍ନାତ
ଆତ୍ମାରଡାକରେ
ବୁଡ଼ିଗଲା ମୋର ନିରିମାଖି କୁହୁଡ଼ା ଅସ୍ତିତ୍ୱ
ଗୁଣୁଗୁଣୁ କାନ୍ଦକାନ୍ଦ ସ୍ୱରେ
ମୋର ବଙ୍କାଟଙ୍କା ଅବାଗିଆ
ଖାଲଖମା ପିଠିତଳେ
ନିରୀହ ପ୍ରୀତିପର୍ଣ୍ଣ ମନମୋର
ତମଛୁଆଁର ନିବୁଜ ଆଉଁଷାକୁ
ଚିରକାଳ ଝୁରୁଥାଏ

ହେ ନବଘନ ସୁନ୍ଦର !
ଆସ ଆଜି ଫୁଲରେ ଫୁଲରେ
ଫୁଲ ଟାହିଆରେ
ସଜେଇବି ତମ ବାଙ୍କଚୂଳ
ଖୋସିଦେବି ମୟୂରପୁଚ୍ଛ
ବାହୁରେ ବାହୁଟି

ପାଦରେ ପିନ୍ଧାଇ ଦେବି
ରୂପାର ପାହୁଡ଼
ହଳଦିଆ ପାଟ ମଖମଲି ଦୋସଡ଼ିରେ
ସଜେଇଦେବି ତମ ଶ୍ୟାମଳ ଦେହ
ତମ ଓଠରେ ଦେବି
ମହୁଆ ବଇଁଶୀ
ଝୁରୁଥିବ ଯେଉଁଠୁ
ମହୁର ଅସରନ୍ତି ଶୋଷ

ହେଇ ଦେଖ !
ହୃଦୟର କବାଟ ହଳିକ ମୋର
ତମ ପାଇଁ ସେମିତି ମୁକୁଳା ଅଛି
ତମ ଆସିବାର ଦମ୍‌କାଏ
ମିଠାପବନରେ ଅମାନିଆ ବାସୁଛି
ନିଆଁ ନିଆଁ ନିଆଁ
ମନରେ ନିଆଁ ଦେହରେ ନିଆଁ
ତରଳ ନିଃଶ୍ୱାସ ନିଆଁରେ
ଜଳୁଛି ଗଛବୃଛ ମଥୁରାର ନଗ୍ରପଦ
ସ୍ୱପ୍ନର ଚିତ୍ରିତ ସକାଳ
ରହି ରହି କେହି ଚୁପିଚୁପି କହୁଛି
ତମେ ଆସିବ
ନିଶ୍ଚେ ଆସିବ

□

# ଶିକୁଳି

ଉଦାସ ଅସହାୟ ନାରୀର କମ୍ପିତ ଓଠ
ଜର୍ଜରିତ ମୁହଁରେ
ଅସରନ୍ତି ବ୍ୟଥା କୁହୁଳେ
ଚିରା ପଣତକାନିରେ
ସାଉଁଟେ ସେ ଖାଲି ଦୁଃଖ
କୁଢ଼ କୁଢ଼ ଦୁଃଖ
ମନବୋଲି
ନିଜର ବୋଲି
ଜୀବନ ବୋଲି
କିଛି ବି ତ ତାର ନୁହେଁ !
ବୋଲକରା ପୋଷାମନା ବିଶ୍ୱସ୍ତ କୁକୁରଟାଏ
ଘର ଜଗିଥାଏ / ଆବୋରିଥାଏ
କେଉଁଠି ଇଚ୍ଛେହେଲେ
ଅଧିକାର ତା'ର ନଥାଏ
ଶୃଙ୍ଖଳା ଲୁଟିଖଣ୍ଡେ କି ଭାତମୁଠେ
ଦିଅ କି ନ ଦିଅ
ମୁହଁମାଡ଼ି ପଡ଼ିଥାଏ
ପିଲାଜନ୍ମକରା ମେସିନ୍‌ଟେ ସେ
ଚିଟିକାର ଧାସରେ
ସିଝୁଥିବା ଖୋଳପାଟେ
ତା'ର ଭିତର ବାହାର

ଆପଣାର ବୋଲି
ଖାଲି ଶିକୁଳିଟେ ଅଛି
ଯେଉଁ ଶିକୁଳିର ଭାଗ୍ୟ
ଖଣ୍ଡରେ ବନ୍ଧା
ହେଲେ ଖୁଣ୍ଟର ସଂଜ୍ଞା
ଦୃଶ୍ୟପରି ବଦଳୁଥାଏ
ବେକରେ ପଡ଼ିଥିବା ଶିକୁଳିର ଧର୍ମ
ଚିପିହେବା ଚାପିଦେବା
ଜୋର୍‌ରେ ଆହୁରି ଜୋର୍‌ରେ
ନିଃଶ୍ୱାସ ରୁଦ୍ଧ ହୋଇ
ଆତ୍ମାମାତ୍ମା କଲବଲ ହୁଅପଛେ
ବ୍ରହ୍ମାଣ୍ଡ ଫଟେଇ ଚିତ୍କାର କଲେ ବି
ହୁଗୁଳିଯାଏନି କି ଛିଣ୍ଡି ଯାଏନି
ଏକୁଟିର ଭାଗ୍ୟ ଖୁଣ୍ଟଜୀବନ
ଶିକୁଳିର ମୋହ
ଝିଅଟିର ଆଜନ୍ମ ସହଚର
କୋକେଇରେ ବନ୍ଧା ହେଲାଯାଏ
ଶେଷ ନିଆଁ ଜୁଇ ନିର୍ବାପିତ ହେଲା ଯାଏ ।

□

## ଭାଗ୍ୟ

ସେଇ ମୋର ବିମର୍ଷ ଭାଗ୍ୟ
ଘୂରେ ବର୍ଷରୁ ବର୍ଷକୁ
ଯୁଗ, ଜନ୍ମ, ଲତା ଓ ବିଲିତା
ବିତିଯାଏ
ଟିକେ ବି ଘୁଞ୍ଚେନି ।
ମୋ ଭାଗ୍ୟର ଏମିତି କରାମତି
ବହୁବର୍ଷ ତଳେ
ଦିନେ ସ୍ୱପ୍ନରେ ଆସି
ଏମିତି ଠିଆହେଲା
ଖୁବ୍ ଦାମିକା ରାଜୁତା ପୋଷାକ ପିନ୍ଧି
ହାତରେ ହୀରାର ଛଡ଼ି
ମୁଣ୍ଡରେ ମୁକ୍ତାର
ଝଲମଲ ମୁକୁଟ
ଭାରି ଭାରି ପାଦ ପକେଇ
ବେପରୁଆ ଭାବରେ
ଚାଲି ଆସୁଥିଲା
ଅହଂକାରରେ ତା'ର ମୁହଁ
ଝଲସୁଥିଲା
ମୋର ସବୁ ଆଦର୍ଶ ଅଙ୍ଗୀକାରକୁ
ଗୋଟିଏ ଫୁତ୍କାରରେ
ଉଡ଼େଇ ଦେଇ
ମୋତେ ବାଦ୍‌ଶାହୀ ବିଳାସର
ଲୋଭରେ ଆହୁରି
କେମିତି କବ୍‌ଜା କରିବ
ସେମିତି ଅଟ୍ଟହାସ କରି
ମୋ ନୁଖୁରା ଆତ୍ମାକୁ

କୋଟାକୋଟା କରିଦିଏ
କେତେ ତାକୁ ଲୁଚିବି
ଏ ସହର ଗାଁ ଇଲାକା ଛାଡ଼ି
ପଳେଇବି
ଭାବିଲେ କି
ଚେଷ୍ଟା କଲେ
କେତେ ଦମ୍ଭରେ ମୁହଁ ଆଢ଼େଇ
ଆଗକୁ ଚାଲିଲେ ବି
ସେ ବାରମ୍ବାର ଦିଶୁଛି
ବାଟ ତ ଛାଡ଼ିବନି କେବେ
ଦେଖୁଛି
ଏତେ ମଟରଗାଡ଼ି ପେଁ ପାଁ
ଛୁରୀ ଭୂଷା, ବୋମାମାଡ଼
ଦଙ୍ଗାଫସାଦ ଦଳାଚକଟା
ବନ୍ୟା, ମରୁଡ଼ି, ଘରପୋଡ଼ି
ଦୁର୍ଘଟଣା ନିଇତି ଘଟୁଛି
ହେଲେ ସେହି ନିଆଁଲଗା ଭାଗ୍ୟଟାର
କିଛି ବି ହେଉନି
ଆହୁରି ବୀରଦର୍ପରେ
ଦାନ୍ତ ନିକୁଟି
ମତେ ଖତେଇ ହେଉଛି
ମୋର କାକୁସ୍ଥ ଆତ୍ମାକୁ ଧିକ୍‌କାର କରୁଛି
ପ୍ରତିମୁହୂର୍ତ୍ତରେ ହୃଦୟର ଧକ୍‌ଧକ୍‌ରେ
ଜଣେଇ ଦେଉଛି
ମୁଁ ଶକ୍ତିମାନ ସର୍ବବ୍ୟାପୀ
ମୋଠାରୁ ତୋର
ମୁକ୍ତି ନାହିଁ .... ମୁକ୍ତି ନାହିଁ

□

## କ'ଣ ମାଗିବି କୁହ, ତୁମ ପାଇଁ

ହୀରା ନୀଳା ମୋତି ମାଣିକ୍ୟ
କି ସୁନା କାତି ଛଡ଼ାଥିବା
ଗୋଟେ ଅଜଣା ପ୍ରଭାତ
କ'ଣ ଦେଇ ତମକୁ ସବୁଦିନେ
ମୋ ହୃଦୟରେ
ସାଇତି ରଖିବି
ଦୁନିଆର ରାଢ଼ ଆଖିରୁ
ଲୁଚେଇ ରଖିବି
ଖୁବ୍ ମୋଟାମୋଟା
ଲୁହା ଚାଦର ଢ଼ଳେଇର
ବାଡ଼ ବୁଜି ଦେବି
ଭୟଙ୍କର ଦିଶୁଥିବା
ନିଶୁଆ ଦରୱାନ୍‌ଟେ
ରଖିଦେବି ଗେଟ୍ ପାଖରେ
ବଲୁଆ ହିଂସ୍ର ଆଲ୍‌ସିସିଆନ୍
କୁକୁର ଦି'ଟା ରଖିଦେବି ଯେ
ପିମ୍ପୁଡ଼ିଟେ ବି ଯାଇପାରିବନି
କେହି ଆଖି ଉଠେଇଲେ
ମୋର ବୋଲକରା
ବିଶ୍ୱସ୍ତ ଲୋକମାନେ
ତାଡ଼ିଦେବେ ଆଖି
ପଳପଳ ମାଉଁସ ଝୁଣିଦେବ

କୁକୁର ମୋର
ତମେ କେବଳ ମୋର
ଏକାନ୍ତ ଭାବରେ ମୋର
ମୋର ଏ ଅଖଣ୍ଡ ସାମ୍ରାଜ୍ୟର
ଏକାନ୍ତ ଅଧିଶ୍ୱରୀ
ଏଠି କେବଳ ମୁଁ ପୁରୁଷ, ମୁଁ ଶାସକ,
ମୁଁ ପ୍ରେମିକ
ଆଉ ସମସ୍ତେ ମୋର
ଆଜ୍ଞାକାରୀ ଅନୁଚର
ତମେ ଜାଣିଛ
ତମର ଗୋଟେ ଗୋଟେ
ଅଭିମାନ ପାଇଁ
ମୁଁ ଖୁନ୍ ବି କରିପାରେ
ତମ ଆଖିର ଲୁହ
ଦେଖିଲି ବୋଲି
ତମର ଖାସ୍ ଦାସୀ 'ହୀରା'
ମୋର ଚାବୁକ୍ ମାଡ଼ରେ
ରକ୍ତାକ୍ତ ହୋଇଗଲା ପଛେ
ପାଟିଫିଟାଇନି
ସେମିତି ମାଡ଼ଖାଇ
ଅସାଡ଼ ହେଇଗଲା ପଛେ
କିଛି କହିଲାନି
ଆଉ ତମେ ବି କିଛି କହୁନଥାଅ
ମୋର ପ୍ରଚଣ୍ଡ କ୍ରୋଧରେ

ମୋର ସାମ୍ରାଜ୍ୟର
ସବୁ ପ୍ରଜା ଥରହର
ଚାବୁକ୍ ମାଡ଼, ଫିଙ୍ଗା ଫୋପଡ଼ା
ଗର୍ଜନରେ ହୁଲସ୍ଥୁଲ୍
ଏତେସବୁ ପରେ ବି
ତମର ମୁହଁଫୁଲା
ସେମିତି କାଏମ୍ ଥାଏ
ତମ ଅବଜ୍ଞାରେ
ମୋର ଉଦ୍ଧତ ଅହଂକାରୀ
ମୁଁ ପଣଟା
ଏକ୍‌ବାରେ ହାଲିଆ
ହୋଇଯାଉଥାଏ
କେମିତିକା ଅବଶରେ
ମୁଁ ଘାଲେଇ ପଡୁଥାଏ
ତଥାପି... ତଥାପି
ତମକୁ ଜିତିପାରୁ ନଥାଏ
ତମ ନିଷ୍ଠୁର ଅଯତ୍ନପଣ
ଜିଦ୍‌ଖୋର ଖିଆଲିମନ
ଆହୁରି କଲବଲ କରିବାକୁ
ମୋ ପୌରୁଷକୁ
ଝୁଣିବାକୁ
ସବୁବେଳେ
ତିଆର୍ ରହିଥାଅ ।

□

# ଟୋପାଏ ବିଶ୍ୱାସ

ଚାରିଆଡ଼େ ଖୁବ୍ ଭିଡ଼
ପୋକମାଛି ସାଲୁବାଲୁ
ମଣିଷଙ୍କ ଧାଁଧଉଡ଼
ଆଳୁବସ୍ତାପରି ଫୋପାଡ଼ିଲେ
ଯିଏ ଯେଉଁଠି ପଡ଼େ
ଗୋଡ଼ହାତ ଚୂନା ହୁଏ
ଛିଡ଼ା ହେବାକୁ
ଜାଗାଟିକେ ନାହିଁ
ଗୋଡ଼ତଳେ ଥିବା ଟିକିଛୁଆଟିକୁ
ଦଳିଦେଇ ପେଷିଦେଇ
ବସ୍ ଉପରକୁ ଉଠିଗଲେ ଯାଏ
କିଏ ମରୁଛି କି ଆଭାମାଭା ହେଉଛି
ଆମର କ'ଣ ଯାଏ ଆସେ
କେଉଁଠି କିଏ ମରିଗଲେ
ଆହା ପଦଟିଏ ଖସେ ନି
ହୃଦୟତ କେବେଠୁଁ
ଡଷ୍ଟବିନ୍‌ରେ ପଡ଼ିଛି
କଚରା ଗଦାରେ ସଢୁଛି

ତରକି ଟିକେ ଚାହୁଁଛି
ଆଢ଼ ଆଖିରେ ଭଲା
କେହି ଟିକେ ଫେରିଚାହିଁବ
ଦଉଡ଼ରୁ ଅଟକି ଟିକେଭଲା ଥମିଯିବ ?
ଅକାଶସାରା ଧୂଳିଭର୍ତ୍ତି
ତାରା ଆଉଫୁଲ ହେଇ ଫୁଟେନି
ତୋଫା କଇଁଫୁଲିଆ
କିରଣରେ ଝୁମିଝୁମି
ସାରାରାତି ଭିଜିବାର ରୋମାଞ୍ଚତ
ଆଉ ଆଖିରେ ନେସି ହେଉନି
ପାହାଡ଼କୁ ହାତ ବଢ଼ାଇଲେ
କାରଖାନା ଧୂଆଁରେ
ଛିଟିକି ପଡୁଛି
ଏତେକଥା ହେଉପଛେ
ଆଞ୍ଜୁଳାଏ ରକ୍ତଭର୍ତ୍ତି
ବିଶ୍ୱାସରୁ ତାରାଟିଏ
ଅଙ୍କୁରିବ ବୋଲି
ସ୍ୱପ୍ନ ତ ମରିନି ।

□

# ବର୍ଷା

ବର୍ଷା ପଡ଼େ ଝର୍କା ଛାତ
ନଦୀ ଝର୍ଣାରେ
ବର୍ଷା ଟୋପା ବତୁରାଏ ମାଟିକୁ
ଏକ୍‌ବାରେ ଛେଚିକୁଟି ସମତୁଲକରେ
ଫୁଲଫଳ ମଞ୍ଜିଯାହା ଫିଙ୍ଗ
ଟେରେଇ ଯାଏ
ନୂଆପତ୍ର କଅଁଳେ
ପେଟରେ ଭ୍ରୂଣଟିଏ ରୁଗୁରୁଗୁ ଯନ୍ତ୍ରଣାରେ
ହାବୁକା ମାରେ
ହାଲିଆ ହାଇରେ ଘାଲେଇଯାଏ
ରାତି ନିଦ ହୋଇ ଓହ୍ଲାଏ
ମାଟିକୁ ଥାପୁଡ଼ାଇ ଦିଏ
ନୂଆ ସକାଳକୁ ସରାଗରେ
ଚାହିଁଥାଏ
ବର୍ଷା କିନ୍ତୁ ଅବିରଳ ଝରୁଥାଏ
ମାଟିକୁ ଚୁମିଲେ
ମହୁଲିଆ ମାଟିବାସ୍ନାରେ
ଶିହରୁଥାଏ ଦେହମୁହଁତାତି
ତମ ନିଃଶ୍ୱାସରୁ
ଆହ୍ଲାଦରୁ
ରସ ପରିଥିଲେ ବି
ଆହୁରି ତରଳିବାକୁ
ବାରମ୍ବାର ଝୁମିବାକୁ
ଭାରି ଇଚ୍ଛା ହୁଏ
ଚୁମାରେ ଚୁମାରେ ମାଟିଭିଜିଗଲେ ବି
ବର୍ଷା ଟିକେ ଥମେନି
ହଉ ! ଉଷୁମ ଟାଣିବାକୁ
ଦେହତ ଅଛି
ଆଉ ଡର କ'ଣ
ବର୍ଷା କେତେ ଝରିବ ଝରୁଥାଉ ....

□

# ଅପେକ୍ଷାରେ

ସାବ୍‌ଜା ପତ୍ର ଗହଳିରୁ
ଦିଶେ ତମ ମୁହଁ
ତମର ସେ ଅପାଶୋରା ହସ
ସ୍ନେହମଖା ପରଶ
ଆଜି ମନେପଡ଼େ ଆଗୋ ।
ଖୁବ୍ ମନେପଡ଼େ
ଭିଜା ଭିଜା ଜ୍ୟୋତ୍ସ୍ନାରେଣୁ
ବର୍ଷାଧୁଆ ଜହ୍ନ
ଲାଜୁଆ ଆଖିରେ
ତୁମ ଭଙ୍ଗିମାରେ
ସୃଷ୍ଟିରେ ସେ ଆଦିମ ରାସ
ଝରଣାର କୁଳୁକୁଳୁ ଗୀତରେ
କେତେ ଯେ ନାଜଣା ଫୁଲଫୁଟେ
ଅବଶରେ ତମେ
ଯେବେ ନଇଁପଡ଼
ଶୋଇପଡ଼
ତମ ଖୋଲା ଝର୍କା ଦେଇ
ଦମକାଏ ମିଠା ପବନ
ପଶିଆସେ
ମୁକୁଳିତ କରିଦିଏ
ସବୁରୁଦ୍ଧ ଅଭିମାନ
ଏଠି ବଣର ସବୁଜିମା
ବର୍ଷା ବସନ୍ତ ଶୀତ ସବୁ
ସତରେ ପ୍ରାଣମୟ ମହନୀୟ
ହୃଦୟର କବିତା ଆସରେ
ତମପାଇଁ ଗୀତର ସୁର
ବୁହାଇ ବୁହାଇ ଗାଉଥାଏ
ସେଇ ଗୋଟିଏ ଗୀତ
ଚଢ଼େଇ କଣ୍ଠରେ କୋଇଲିର ସୁରେ

ମାୟାତୀତ ମଧୁର ଛନ୍ଦରେ
ମମତାର ମୂର୍ତ୍ତିଟିଏ ତମେ
କେତେବେଳେ ମନେହୁଅ
ମୋର ପ୍ରାଣପ୍ରିୟ ଅନ୍ତରଙ୍ଗ
ପୁଣି କେତେବେଳେ ଗେହ୍ଲା ସାନପୁଅ
ଆଜ୍ଞଆଳେ କେବେ ପୁଣି
ମନେହୁଅ ଗମ୍ଭୀର ଉଦାସ
ଉଦୟ ଅସ୍ତର
ଏ ମଧ୍ୟାହ୍ନ ବେଳାରେ
ତଥାପି ତମକୁ ମୁଁ
ଯନ୍ତ୍ରଣାର ଜଉଘରେ
ଯାଜ୍ଞସେନୀ ସାଜି
ଅପେକ୍ଷା କରେ
କେବେ ପୁଣି
ଦୁଃଶାସନର ରକ୍ତରେ
ହୋରିଖେଳି
ମେଣ୍ଟାଇବି ମୋ ମନର ଓରିମାନ
ମୋ ପାଦରେ ରକ୍ତର ଅଳତା
ଅଭାବିତ ଅନନ୍ତ ତୃଷ୍ଣା
ତମ ଦେହ ମହକରେ
ମହକିତ ମୋ ଅଙ୍ଗନ
ଏବେ ବି କୁରୁଳୁଥାଏ
ମାତାଲ୍ ହେଉଥାଏ
ବିଶ୍ୱାସର ପୋଷାକ ପାଲଟିମୁଁ
ଫୁଲର ପାଖୁଡ଼ା ଛିଣ୍ଡାଇ
ଯିବି ସେ ଅମଡ଼ାବାଟରେ
କଢ଼ରେ ଛାଡ଼ିଦେଇ
ଶ୍ରଦ୍ଧାର ସ୍ତବକ
ତମେ ପୁଣି ଝୁରିବ
ଯୁଗଯୁଗଧରି
ଆଶାଟିଏ ଅଙ୍କୁରିତ ହେବାଯାଏ ।

□

# ଦୁଃଖୀ

ସେହି ଅଙ୍ଗନବାଡ଼ି ଦିଦିର
ଆଖିରେ ହତାଶା
ଆଉ ଗାଆଁର ଉଷ୍ଣମ ଭରୁଆ ଗନ୍ଧ
ରୁଗ୍‌ଣ ବେକାର ସ୍ୱାମୀର
ପେଟୁଆ ଗହାଣୀ
ଅଳରୁଣୀଏ ମଇଳା ଲୁଗା ବୋଝରେ
ତଥାପି ଝିଅଟି
ବଞ୍ଚିବାର ସ୍ୱପ୍ନ ବୁଣେ
ଭାବପ୍ରବଣତାରେ ବୁଡ଼ବୁଡ଼ୁ ହୁଏ
ନାରୀତ୍ୱର ଦୃଢ଼ତା ନେଇ
ଦୁର୍ଗା ପରି ଓହ୍ଲାଇ ଆସେ
ଧରାବକ୍ଷକୁ
କେତେବେଳେ ସେ ନିରିମାଖି
ବିବଶା ବିଧବା
କେତେବେଳେ ପୁଣି
ଯଉତୁକ ନିଆଁରେ
ଜଳୁଥିବା ଅସହାୟା
କେତେବେଳେ ଧର୍ଷଣ ଧାସରେ
ମଉଳିଥିବା କିଶୋରୀ କଳିକା
ଅବା କେଉଁ ଚୂନ ଭାଟି
କୋଇଲା ଖଣି ଖାଦାନରେ
ରକ୍ତ ନିଗାଡ଼ି ଖଟୁଖଟୁ
ମଜୁରୀ ପାଉନଥିବା
ଅବହେଳା ଯୌନ ଯାତନାରେ
କୋରି ହେଉଥିବା ନାରୀଟିର
ଘାଇଲା ଆତ୍ମା
ପୁଣି ଦିନେ ଯାତନାର ଧୂଆଁରେ
ଗାଁମୁଣ୍ଡ ନଈକୂଳ ମଶାଣି ମଥାରେ

ଦେଖୁ ଦେଖୁ ମିଶିଯାଏ
କରୁଣାରେ ଦୟାରେ କି ସହାନୁଭୂତିରେ
ଆହା ! ପଦଟିଏ ତଥାପି
କାହା ମୁହଁରୁ ଝରିପଡ଼େନି
ଦିନପରେ ଦିନ
ସକାଳୁ ସଞ୍ଜଯାଏ
ଅଳିଅର୍ଦ୍ଦଳି ସହୁଥିବା
ନିରବଧି ଜଳୁଥିବା
ନାରୀଟିର ନିଜର ମନବୋଲି
ସତରେ କ'ଣ କିଛି ନାହିଁ ?
ଅଭିମାନରେ କେବେ ବି
ନିଜର ମୁହଁ ଥମ୍ ଥମ୍ କରିପାରେନି
ନିଜରୁଚିରେ ଖାଏନି
ହେଲେ ତମେ ସବୁ ଦେଖ
ଆଖିବୁଜି ଯେତେସବୁ ଅନ୍ୟାୟ କରୁଥାଅ
ତମର କ'ଣ ହୃଦୟ
ବୋଲି କିଛି ନାହିଁ
ଖାଲି ପୁରୁଷପଣର ଘୋଡ଼ାରେ
ତମେ ଦଉଡ଼ ସହସ୍ର ଯୋଜନ
ଯେତେବେଳେ ଚାବୁକ୍ ମାରିବ
ସେ ଉଠି ବସିବ
ବୋଲ ମାନିବ
ହେଉପଛେ ରକ୍ତାକ୍ତ
ପାଶବିକତାର ଖୋଳରେ
ତମେ ବାଘ ପାଲଟିଯାଅ
ହେଣ୍ଡୀଜ ଛାଡ଼
ଆଉ ବାରମ୍ୱାର ସେ
ଜଳିପୋଡ଼ି
ନାରଖାର ହେଉଥାଏ
ଭୂଇ ପାଲଟୁଥାଏ

□

# ଯୂପକାଠ

ଅନେକ ଘଟଣା ଘଟିଥିଲେ ବି
ଧର୍ମଘଟ ହୋହାଲ୍ଲା ପ୍ରତିବାଦରେ
ସୁରେଖା ପଟ୍ଟନାୟକର
ହତ୍ୟାକାରୀକୁ ଦୋଷୀ
ସାବ୍ୟସ୍ତ କରାଯାଇ ପାରିଲାନି
ଦୋଷୀ ସେମିତି
ଛାତିଫୁଲାଇ
ଆଉଗୋଟେ ବରଣମାଳା ପିନ୍ଧି
ପୁଣିଥରେ ଗୋଟେ ଝିଅର
ଜୁଇ ସଜାଡ଼ିବାରେ ବ୍ୟସ୍ତ
ସୁରେଖା ପଟ୍ଟନାୟକ ତ ଯଉତୁକ ଯୂପକାଠେ
ଜଳି ଜଳି ନିଃଶେଷ ହେଲା
ହେଲେ ମଲାବେଳେ ତା'
ବିକୃତ ପୋଡ଼ା ମୁହଁରେ ଲାଖିଥିବା କରୁଣ ହସ
ଆଜି ବି ମୋ ଆତ୍ମାକୁ
ଛେଚିକୁଟି ନାରଖାର କରେ
ତା'ର ସେ ଅଧାଜଳା ହାତରେ
ହାତମୁଠାକୁ ଧରି
କୁନ୍ଥେଇ କୁନ୍ଥେଇ
ବଡ଼ କଷ୍ଟରେ
କହିଥିଲା ମରିବାକୁ ଜମା
ଇଚ୍ଛା ନାହିଁ ଲୋ ମାଙ୍କ ଅପା
କୁନୁ ମୋର ତତେ ଲାଗିଲା
ତା'ପରେ ସୁରେଖା ଚିରଦିନ ପାଇଁ
ଶୋଇଗଲା
ଅକାଳରେ ଝରିପଡ଼ିଲା

ଆଜନ୍ମ ଦୁଃଖ ସହୁଥିବା
ଲହୁଲୁହାଣ
ତା' ଦୁଃଖିନୀ ଆତ୍ମା
ଆଇନ ତା ବାଟରେ ଯାଏ
ସତକଥାଟା ମିଛ ମକଦ୍ଦମାର
ରୂପନିଏ
ମୋଟା ଟଙ୍କାର ଫିସ୍
ସତକୁ ମିଛ କରେ
ଆଉ କୁନ୍ନୁ ଏତୁରୁ ଏତୁଟେ ହୁଏ
ଚାକିରୀ କରେ
ବାପା ଭଳି ପୁଣିଥରେ
କାଠଖୁଣ୍ଟେ କିଣେ
ଅଗଣାରେ ପୋତେ
ଝିଅଟେ ବୋହୂ ହୋଇ
ନାଲିପାଟପିନ୍ଧି ଅଳତା ଲଗାଇ
ନଇଁ ନଇଁ ଆସେ
ସେଇ ଖୁଣ୍ଟରେ
ଆଜୀବନ ବନ୍ଧା ହେବା ପାଇଁ
ପୁଣିଥରେ ସେଇ ଏକା ଦୃଶ୍ୟର
ପୁନରାବୃତ୍ତି ପାଇଁ
ସବୁଦିନେ ନୂଆ ବୋହୂଟି
ମୁହଁ ଶୁଖାଇ
ଚିରା କାନି ପଣତରେ
ଲୁହ ପୋଛୁ ପୋଛୁ
ଅଗଣା ଓଳାଉଥାଏ
ଦିନେ କୁନ୍ନୁ ପୁଣି

କେଡ଼େ ଢାକଢକମରେ
ଆଉଗୋଟେ ସୁନାଖଣ୍ଡ
ଆଣି କାଠଖଣ୍ଡ
ପାଖେ ପିଟିଦିଏ
ସଉତୁଣୀର ଭାରି ଗହଣା
ପାଟଶାଢ଼ୀ ରୂପର ଚମକରେ ଦମକରେ
ଏକାବାରେ ନୋଚାକୋଚା
ହେଇଯାଏ ନୂଆବୋହୂ
ଗରିବ ଘର ନିରିମାଖି ଝିଅଟିର
ସବୁ ଓରିମାନ ମିଳେଇଯାଏ
ସ୍ୱାମୀ ଆଉ ସଉତୁଣୀର
କଡ଼ା ମିଞ୍ଜାସ
ଫୋପାଡ଼ିଲା କଥାରେ
ଝାଉଁଳିପଡ଼େ
କାହିଁ କେବେ ସରାଗରେ
କୁନୁ ଆଉଁଷିଥିଲା ବୋଲି
ରୋମାଞ୍ଚରେ ଉଜାଗର କେତେ ରାତି
ହେଲେ ଆଜିତ
ଖୁଣ୍ଟବନ୍ଧା ଅଲୋଡ଼ା ମନରେ
ଯେଉଁଠ କଢ଼ କେବେ
ଫୁଲ ହୋଇ ଫୁଟେନା
କି ରାତି କେବେ
ସକାଳ ହୁଏନା

□

# ତସ୍‌ଲିମା

ତସ୍‌ଲିମା ତୁ ତ
ଗୋଟେ ଛା'ର ନାରୀ
ତୁ କ'ଣ କରିପାରିବୁ ଯେ
ବିଦ୍ରୋହ କରିବା କ'ଣ
ତୋ ବାଆଁ ହାତର ଖେଳ ?
ତୁ ଜାଣିନୁ କି
ତୁ ପରା ଗୋଟେ ଝିଅ
ଯାହାର ପାଦ
ମାଟିର ଡେରରେ ଆଜନ୍ମ ବନ୍ଧା
ମନ ଆତ୍ମା ହୃଦୟରେ ତୋର ପରା
ଦାସତ୍ୱର ଚିହ୍ନ କେବେଠୁ
ନେସା ହୋଇ ରହିଛି
ତୁ କେମିତି କଥା କହିବୁ ଯେ
ତୋ ପାଇଁ ପରା
ଘର ବାହାର ଦୁନିଆ ସବୁ ମନା
ସତସତିକା ଜୀବନଟେ ପାଇଁ
କ'ଣ ଲୋଡ଼ା ଯେ
କେତେ ପାଦ ଜମି
ସ୍ନେହର ବଖୁରିଏ ଘର
ମୁଠେ ତତଲା ଭାତ ମାଛ ବେସର
ହେଲେ ସେତକ କ'ଣ ପୋଡ଼ା ଝିଅର
କପାଳରେ ଲେଖା ଅଛି ?
ଝିଅଟିପାଇଁ ନିଜ ପାଇଁ
ମୌଳିକ ଅଧିକାରର
ସର୍ବନିମ୍ନ ମୂଲ୍ୟ ପାଇଁ
ସ୍ୱାଧୀନ ନିରପେକ୍ଷ ନିରୁପଦ୍ରବ
ଜୀବନଟେ ପାଇଁ
କେତେ ଦୁଃଖ ଭୋଗିଲୁ
ମୋର ତସ୍‌ଲିମା !

ନିଜ ଘରୁ ନିଜ ଦେଶୁ ଦେଶାନ୍ତରୀ ହେଲୁ
ବାଙ୍ଗାଲୀକୁ ମା'କୁ
ଭଲପାଇଲୁ ବୋଲି
ନା ମୟମନସିଂରେ ତୁ ରହିପାରିଲୁ
ନା କଲିକତାରେ
ରକ୍ତପିପାସୁ ମୁଖାପିନ୍ଧା
ନରପିଶାଚମାନେ
ଜାଗା ଟିକେ ତତେ ଦେଲେନି
ତୋର ଅପ୍ସରୀ ଶବ୍ଦର
ଜୀବନ୍ମୟୀ ଜ୍ୟୋତିର୍ମୟୀ
ଶବ୍ଦ ଶୋଣିତରେ
କାହିଁ ଏତେ ଶକ୍ତି ଭରିଥିଲା ଯେ
ସବୁ ନିର୍ବାକ୍ ନାରୀ କଣ୍ଠରୁ
ନିଆଁ ବର୍ଷିଲା
ଏତେଦିନକେ ସେ ନିଜକୁ ଚିହ୍ନିଲା
ସେ ମଣିଷଟେ ଜୀବନଟେ
ତୁ ଆଉ କାନ୍ଦନା ମା' ମୋର ତସ୍‌ଲିମା !
'ଦ୍ୱିଖଣ୍ଡିତ'କୁ କାଟିକୁଟି
ଫିଙ୍ଗିବାର ବିଫଳ ପ୍ରୟାସ
ଯେତେ କରୁଥିଲେ ବି
ତୋର ମୃତ୍ୟୁଞ୍ଜୟୀ ଶବ୍ଦର ତରବାରୀକୁ
ସାମ୍ନା କରିବାକୁ
ଏ ସହସ୍ରାବ୍ଦୀ ଅସମର୍ଥ ... ଅକ୍ଷମ ... ଅଥର୍ବ
ଏ ଧରାରେ
ତୋ ପାଇଁ ମୋ ପାଇଁ
ବତୁରା ମାଟି ବାସ୍ନାରେ
ମହମହ ବାସିଯିବା ପାଇଁ
ପବନଟିକେ ନାହିଁ
କଲିକତାକୁ ଦ୍ୱିତୀୟ ମାତୃଭୂମି
ବୋଲି ତୁ ସିନା ଭାବିଲୁ
ହେଲେ ମୁଷ୍ଟିମୟ
ଧର୍ମନିରପେକ୍ଷତାର ମୁଖାରେ
ସାମ୍ୟବାଦର ବୀଜ ବୁଣୁଥିବା

ଘୁଣଖିଆ ଶାସନତନ୍ତ୍ର
ତଡେ ତଡ଼ି ଦେଇ
ସାବ୍ୟସ୍ତ କରିଦେଲା
ସବୁରି ଉପରେ
କ୍ଷମତାର ସ୍ୱାର୍ଥପର ଲଢ଼େଇ
ସକଳ ବିରୋଧ ବୈଷମ୍ୟ ସତ୍ତ୍ୱେ
ନିର୍ମମ ରକ୍ତଦାହରେ
ବାରମ୍ବାର ତୁ ଲହୁଲୁହାଣ
ହେଉଥିଲେ ବି
ବାଙ୍ଗ୍‌ଲାର ସେଇ ସୂର୍ଯ୍ୟୋଦୟ
ଓଦାମାଟିକୁ
ତୁ ଝୁରିହେଉ
ତୁ ତ ଜାଣିଛୁ !
ନାରୀକୁ ଚିରକାଳ
ନିର୍ଯ୍ୟାତିତ, ନିର୍ବାପିତ, ନିଷ୍ପେଷିତ
କରି ରଖିଥିବାର ଠିକା
ପୁରୁଷତନ୍ତ୍ର ମନସ୍ଥତା ନେଇଛି ବୋଲି
ତୋର ଅଗ୍ନିବର୍ଷୀ ଆୟୁଷ୍ମତୀ ଶକ୍ତିକୁ
କେତେ ଚେଷ୍ଟା କଲେ ବି
ପ୍ରତିହତ କରିପାରିବେନି
ଧର୍ମନିରପେକ୍ଷ ଭାରତ ଦେହରେ
ପିନ୍ଧିଥିବା ସହିଷ୍ଣୁ ଜାମାରେ
ମୌଳବାଦର ରକ୍ତଛିଟା
କେବେଠୁ ଲାଗିସାରିଛି ତସ୍‌ଲିମା !
ତୁ ଆଉ କାନ୍ଦନା
ବ୍ରହ୍ମପୁତ୍ର ନଦୀ ଯିଏ
ତୋର ମୋର ଭୂଇଁଦେଇ ବୋହିଯାଏ
ମଝିରେ କଣ୍ଟାବାଡ଼
ସେ ଜାଣେନା ବିଭକ୍ତ ଭାରତବର୍ଷ
ସୀମା ସରହଦ କି ଲୁହର ଟଳମଳ ଅକ୍ଷର
ମୁଣ୍ଡଟେକି ନିର୍ଭୀକ ଭାବରେ

ଚାଲିପାରିବା ପାଇଁ
ରାସ୍ତାଟିଏ ତ ତୁ ଚାହିଁଥିଲୁ
ଲୋକଭର୍ତ୍ତି ରାସ୍ତାରେ
ଝିଅଟେ ଚାଲୁଥିଲେ ବି
କେହି ତା'ର ଉପସ୍ଥିତିକୁ
ସ୍ୱୀକାରନ୍ତିନି ବୋଲି
ତୋ ମନରେ ଏତେ ଦୁଃଖ
ନାରୀଟିଏ ବଙ୍କକାଟେ
ବଳିପଡ଼ିଥିବା ଭାତମୁଠେ
ନହେଲେ
କୁକୁର, ବିଲେଇ, ଘୁଷୁରି ରହୁଥିବା
ଖୁଆଡ଼ରେ
ଖୁନ୍ଦାଖୁନ୍ଦି ଜାଗାଟିକେ ବୋଲି
କ୍ଷୋଭରେ ହତାଶାରେ
ତୁ ଫାଟି ପଡ଼ିଲୁ
ଅଭିମାନରେ ମନ୍ଥି ହେଲୁ
ତସ୍ଲିମା !
ତୁ ଏ ଶତାବ୍ଦୀର
ଅସୀମ ସାହାସିନୀ
ଶକ୍ତିମୟୀ ପ୍ରାର୍ଥନା
ମହା ବିପ୍ଳବିଣୀ ଯୋଜନାବ୍ୟକ୍ତା
ଶବ୍ଦ ତୋର ଦାବାଗ୍ନି
ତୋ ଗଢ଼ା ଆଦର୍ଶର
ପ୍ରତିଲିପିରେ
ମୁକ୍ତିଦାୟିନୀ ନାରୀ
ମହୀଶ୍ୱତୀ ବିପୁଳା
ମହାବ୍ୟକ୍ତିତ୍ୱମୟୀ ମହାମାୟା
ଅଗ୍ନିଶିଖା
ଅନିର୍ବାଣ ତୁ ସେଇ
ଅମ୍ଳାନ ଦୀପାଶିଖା
ତସ୍ଲିମା .. ତସ୍ଲିମା ... ତସ୍ଲିମା

□

# କନ୍ଧମାଳ

ଦଙ୍ଗାର ମୁହଁହୀନ ଶୀତଳ ଥମ୍ ଥମ୍
ନୂଆ ବର୍ଷର ସକାଳ
ଆସିବା ପୂର୍ବରୁ
ଶୀତର ଆରଣ୍ୟକ ଗ୍ରାମମାନଙ୍କୁ
ମନ ପୂରାଇ ଶୋଷି ନେଲାବେଳକୁ
ବଡ଼ଦିନର ମହୋତ୍ସବକୁ
ସଫେଦ ଦୁଃଖରେ
ଢାଙ୍କି ଦେଲା
ନିଜ ନିଜ ଭିତରେ କୁହୁଳୁଥିବା
ହିଂସାର ସର୍ବଗ୍ରାସୀ
ଉଲଗ୍ନ ଜିହ୍ୱା ଏକ୍‌ବାରେ
ଚାଟିଚୁଟି ସଫା କରିଦେଲା
ସବୁଦିନେ ଏକାଠି ସୁଖଦୁଃଖ ହେଉଥିଲେ
ପୁନିଅ ପରବ ପାଳୁଥିଲେ
ଜନମ ମରଣ ପ୍ରଳୟ ବିପତ୍ତିରେ
ଏକାଠି ସାଙ୍ଗ ହୋଇ ଲଢୁଥିଲେ
ବାହାଘର, ଯାନି, ଯାତ, ଧାନ ଅମଳ
ସବୁଥିରେ ସାହିଭାଇଙ୍କର
ସ୍ନେହ ସ୍ପର୍ଶ ବୋଲି ହେଉଥିଲେ
ଯୀଶୁ, ରାମ, ଆଲ୍ଲା ସିଭିଏଁ
ଚିରକାଳ ଗୋଟେ କଥା
ଶିଖାଇଛନ୍ତି
ସବୁରି ଉପରେ ମାନବ ସତ୍ୟ
ସବ୍‌କା ମାଲିକ୍ ଏକ୍

ଧର୍ମନିରପେକ୍ଷତାର ଧ୍ୱନି ଦେଉଥିବା
ଭାରତବର୍ଷ
ଶାନ୍ତିପ୍ରିୟ ଅତିଥିବତ୍ସଳ ଓଡ଼ିଶା
ଆଜି କିନ୍ତୁ ପାଲଟିଛି
ନରସଂହାରର ଦୁର୍ଗ
ବ୍ରାହ୍ମଣୀଗାଁ, ଫିରିଙ୍ଗିଆ, ବାରଖମା
ଦାରିଙ୍ଗିବାଡ଼ି, ଦାସିଙ୍ଗବାଡ଼ି, କଟିଙ୍ଗିଆ
ଖଜୁରୀପଡ଼ା, ଡିଙ୍ଗିରାଗାଁ, ଗେରୁପଡ଼ା
ବାଲିଗୁଡ଼ା, ଟିକାବାଲି ସବୁଆଡ଼େ
ଖାଲି କୁଢ଼କୁଢ଼ ଶବ, ପାଉଁଶ
ଆଉ ନିଆଁର ଲେଲିହାନ ଶିଖା
ଓହ୍ଲାଇ ଦେଇଛି ସବୁଦିନ ପାଇଁ
ଦେହରୁ ଧୂଳିର ପୋଷାକ
ଅବିଶ୍ୱାସର ଝଡ଼ରେ
ସବୁଦିନ ପାଇଁ
ନିଖୋଜ ହୋଇଯାଇଛି
ଟୋପାଏ ବିଶ୍ୱାସ
କନ୍ଧମାଳର
ହାଡ଼ଭଙ୍ଗା ଶୀତରେ
କାକୁରି କୁକୁରି
ଶୋଇଥିଲା ବେଳେ
ଧାନଅମଳ ସ୍ୱପ୍ନକୁ
ସାଉଁଟୁଥିଲା ବେଳେ
ଗୁଳଗ ନିଆଁରେ
ସବୁ ଜଳିପୋଡ଼ି ପାଉଁଶ ହେଲା
ଜମିରେ ଧାନକଟା ହୋଇପାରିଲାନି
ଘର ନାହିଁକି ଖଳା ନାହିଁ
ଖାଇବୁ କ'ଣ ରହିବୁ କେଉଁଠି ?

ଭୟରେ ସଂତ୍ରସ୍ତ ଜୀବନ
କର୍ଫ୍ୟୁରେ ବାହାରକୁ
ବାହାରିବାର ଯୁ ନାହିଁ
ଓଳିଏ ଖାଇଲେ ଓଳିଏ ଉପାସ
ଟେମ୍ପୋ ପୋଡ଼ିଗଲା, ରିକ୍ସା ପୋଡ଼ିଗଲା
ହଳଦୀ ଚାଷ ଉଜୁଡ଼ିଗଲା
କ'ଣ ଲାଭ ହେଲା କାହାର
ଅଜସ୍ର ନରସଂହାର କରି
ରକ୍ତ ହୋରିଖେଳି
ରକ୍ତମୁଖା ମୌଳବାଦୀ
ନିଜ ଅହଂକୁ ନିଜ ସାହିପଡ଼ିଶା
ଘରଲୋକଙ୍କ ରକ୍ତରେ ସାଉଁଳି
ତମେ କ'ଣ ସତରେ ଜଡିପାରିଲ ?
ତମେ ସେଥିପାଇଁ କ'ଣ
ବାସ୍ତୁହରା ଛିନ୍ନମୂଳ ହୋଇନ ?
ନିଜର ବୋଲି କାହାକୁ
ଡାକିବାକୁ ଦିନେ ଆଉ କେହି ନଥିବେ
କୁଢ଼ କୁଢ଼ ପଚାମାଂସ ଶବ ଭିତରେ
ଆର୍ଖିତ ମାନବିକତାଟି
କ୍ରମଶଃ ରକ୍ତାକ୍ତ ହେଉଥିବ
ଅସହିଷ୍ଣୁତାର ଫୁଲୁକା ପାଦରେ
ଅବିଶ୍ୱାସ ହୃଦୟହୀନତାର
କଣ୍ଟା ବାରମ୍ବାର
ଫୋଡ଼ି ହୋଇ
ଏମିତି ନିରୀହ ରକ୍ତପାତ
ଜାରି ରଖିଥିବ ।

❑

# କାର୍‌ଗିଲ୍

କାର୍‌ଗିଲ୍‌ରୁ ଭାସିଆସେ
ବୋଫର୍ସଗନ୍‌ର ଭାରି ଆବାଜ୍
ଗୁଳିର ଶେଯେ
ରକ୍ତାକ୍ତ ପୃଥିବୀ
ପଥୁରିଆ ସିଧା ପାହାଡ଼ର
କାନ୍ଥୁଚିରି ଜୀବନକୁ ବାଜିଲଗେଇ
ଲଢ଼େଇରେ ନିଃଶେଷହୁଏ
ଜବାନ୍ ଆମରି
ସୀମନ୍ତିନୀର ସିନ୍ଦୂର ଲିଭେ
କାଚଭାଙ୍ଗେ
ବୋଉର ଉଷୁମକୋଳ ଉଜୁଡ଼ିଯାଏ
ବାପାର ଆଶାର ଦୁନିଆ
ଆହୁରି ଦୂରନ୍ତ ଜଣାପଡ଼େ
ପୁଅର ଫେରନ୍ତା ବାଟକୁ
ଚାହିଁ ଚାହିଁ
କଫିନ୍‌ରେ କ୍ଷତବିକ୍ଷତ
ପୁଅର ଶବଫେରେ
ଶୋଭାଯାତ୍ରା, ସମ୍ମାନ, ଅର୍ଥଦାନ ରାସ୍ତା ନାମକରଣ
ପର୍ବପରେ ଶୁଖିଲା
ପରମବୀରଚକ୍ର ଉପାଧି ମଣ୍ଡିଦେଇ
ଆମେ କିନ୍ତୁ ଚୁପ୍‌ଚାପ ବସିଯାଉ
ହେଲେ ଅଳକା କାଜଲ୍, ସୁନୀତା, ସ୍ୱପ୍ନାଙ୍କ
ଆଖିଲୁହ
ହୃଦୟ ଥରା କୋହ
କ୍ଷୀର ଛାଡ଼ିନଥିବା

କୋଡ଼ପୋଛା ପୁଅଝିଅଙ୍କର
'ବାପା' ଦରୋଟି ଡାକର ତ
କବରଖୋଳା ସରିଛି
ଖାଲି କ'ଣ
ପଦକଟେ ଝୁଲେଇ ଦେଇ
ଅଳକା ଅଙ୍କୁରର ବାପା ଡାକ
ବନ୍ଦ କରିହେବ ?
ବାପା ମା'ର ଅଳିଅଳ ଗେହ୍ଲାପୁଅ ତ
ଶୋଇପଡ଼ିଛି ସବୁଦିନ ପାଇଁ
ଶହୀଦର ଟୀକା ଲେଖା ସରିଛି
ଶୋଭାଯାତ୍ରାରେ ଯାଇ
ଦେଶବାସୀ କାମ ତୁଟାଇ ଦେଇଛନ୍ତି
ଅକାରଣ ପ୍ରାଣପାତ
ନରସଂହାର ଯୁଦ୍ଧରୁ
କ'ଣ ମିଳେ କହ ତ !
ଯୁଦ୍ଧର ରକ୍ତନଈ
କୁଢ଼କୁଢ଼ ଶବପାହାଡ଼ରେ
ଚଢ଼ି ଚଢ଼ି ଆତ୍ମା ଲହୁଲୁହାଣ
ତରଳିଯାଉଥିବା
ଜୀବନର ପାଉଁଶ ବୋଝରୁ
ସ୍ୱପ୍ନ ଜରଜର ଟୋପାକ ଜାକର
କିନ୍ତୁ ଫୁଲଟି ଦେହରେ
ପୁଣିଥରେ ନେସି ହୋଇଯାଉଥାଏ ।

□

# ବିଭୋରପଣ

ମୋର ବିଭୋର ବିଶ୍ୱାସରେ
ତୁମ ମଧୁର ବିସ୍ମୃତିର
ଛିଟା ଛିଟା ଦାଗ
ମେଘର ବାଷ୍ପାରେ
ନିଦେଇ ଯାଉଥିବା ତୁମର
ସ୍ନେହ ଛଳଛଳ ପଣ
ମତେ ଆଉଁଷି ଅଣ୍ଡାଳି
ଛେଚିକୁଚି ମୋ ଅସ୍ତିତ୍ୱରେ
ଲୁହରେ ବତୁରିଯାଏ
ସ୍ୱପ୍ନଟିଏ ହାଇମାରେ
ସଦ୍ୟସ୍ନାତା ଅକ୍ଷତଯୌବନାର
ରାଜକୁମାର ପ୍ରେମ କାହାଣୀର
ମେଣ୍ଟା ପାଳୁଥିବା ଦୃଶ୍ୟର
ବୁଢ଼ୀ ଅସୁରୁଣୀ ଭେଟ
ଆଉ ତା ଜୀବନନାଟିକାଟି
ପଞ୍ଜୁରୀଶୁଆ ପରି ହୁଏ ଛଟପଟ
ତୁମ ଉଦାର ଆଖିରେ
କାରୁଣ୍ୟର ମୂର୍ତ୍ତିମନ୍ତଶୋକ
ମତେ ଅନ୍ତରଙ୍ଗ ବିଭୋରପଣରେ
ଆହୁରି ଉଜ୍ଜ୍ୱଳ କରିଦିଏ
ସ୍ୱପ୍ନମୟୀ ହୃଦୟ ମୋର
ତୁମ ସୁଗନ୍ଧର ଚିତ୍ରମୟବେଣୀରେ
ମୋ ଅସ୍ତିତ୍ୱର ଚିତ୍ରିତ ରଙ୍ଗଶାଳା
ମହକିତ ଉଦ୍‌ଭାସିତ
ଗୁଣୁଗୁଣୁଉଥାଏ ଅସରା ସଙ୍ଗୀତ
ଇଏ ମୋର ଆଚରଣ ନୁହେଁ
ଗୁମର ଅଭିମାନଟି
ସ୍ୱପ୍ନରେ ଗୁମୁରିଉଠୁଥାଏ
ତୁମ ନିଃସଙ୍ଗ ଅସହାୟତାକୁ
ଲୁହ ଆଉ ନିଃଶ୍ୱାସରେ
ପୋଛି ଦେବା ପାଇଁ
ସବୁବେଳେ
ଅପେକ୍ଷା କରୁଥାଏ ।
□

# ଅନୁରାଗ

ତୁମେ କାହାକୁ କେମିତି
ଅନୁରାଗର ରଙ୍ଗରେ ଭରିଦିଅ ବୋଲି
ମାପିପାରେ ନାହିଁ
ତୁମ ଝିକିମିକି ମନର ଗଭୀରତା
ରାଶିରାଶି ଲୁହର କାକରରେ
ତୁମ ଭଲପାଇବାର
ସ୍ୱପ୍ନତକ ମିଳେଇଗଲେ
କାହାପାଖରେ ହାତପାତି
ତୁମ ପ୍ରୀତିପୂର୍ଣ୍ଣ ଅଭିସାରକୁ
ପୁଣିଥରେ
କେମିତି ମାଗିବି କୁହ ?
ସବୁ ଲୁହ ତ ବାଣ୍ଟି ଦେଇଛ
ପ୍ରେମ ସବୁ ଆଶ୍ଲେଷି ନେଇଛ
ମହକ ଭିତରେ ନିଜେ ମହକୁଛ
ତଥାପି ଅଲୋଡ଼ା ଆତ୍ମାମୋର
ତମେ ଲିଭେଇ ଦେଇଥିବା
ଅକ୍ଷର ଭିତରୁ
କାନ୍ଦକାନ୍ଦ କଣ୍ଠମାନଙ୍କରୁ
ଆଶାଟିଏ ନେଇ
ଆକୁଳ ଅସ୍ଥିର ପଣରେ
ଅପେକ୍ଷା କରିଛି
ତମେ ଆସିବ ନିଶ୍ଚେ ଆସିବ
ଧୂଆଁ, ଧୂଳି ବାସ୍ପର
କୁହୁଡ଼ି ଭିତରେ
ସର୍ଜନାର ପ୍ରତିଟି ଶବ୍ଦରେ
ମୋହମଗ୍ନ ଆତୁର
ଆଙ୍ଗୁଠିର ମାତାଲପଣରେ

□

# ମେଘ

ମେଘଉଠେ ପାହାଡ଼େ ପାହାଡ଼େ
ଗଛରେ ବୃକ୍ଷରେ ଛାଇ ଆଲୁଅରେ
ମେଘ ମୁହଁ ଥମ୍‌ଥମ୍
ଲୁହ ଝରିବକି ସତେ
ଅସ୍ଥିର ଆଲିଙ୍ଗନର ଇଙ୍ଗିତରେ
ମେଘ ତୁମେ ବିଜୁଳିର ଓଠ
ଟୋପାଟୋପା ବର୍ଷାବିନ୍ଦୁ
ଝରିପଡ଼େ ନଦୀ ସମୁଦ୍ରରେ
ଲୁହ ଆଉ ଝରାନାରେ ମେଘ
ଲୁହ ତ ବତୁରିବତୁରି
ବର୍ଷାର ଅତରରେ କେବେଠୁ ମହକୁଚି
ଭୂଇଁରୁ ସାଉଁଟିଲେ
ଯେତେ କାଠିକୁଟା
ଗୋଡ଼ିପଥର
ସେ ସବୁ ବାମ୍ପ ହୋଇ
ଲୁହରେ ତରଳୁଛି
ନୀରବ ନିସ୍ତବ୍ଧ ହାତେ
ମେଘ ସ୍ୱପ୍ନର
ଆତୁର ଆଗ୍ରହକୁ
ସାଉଁଟିନିଏ
ସେଇତକ ନିଜ ଭିତରେ
ଚଢ଼େଇ ନେଲା ବେଳକୁ
ଓଦା ଓଦା ନିଃଶ୍ୱାସରେ
ଟୋପାଏ ବର୍ଷା ପାଇଁ ତ
ମୋ ମଲା ଆତ୍ମାଟା
ହଠାତ ମହକୁଚି ।

□

# ଭୂମିକା

ନାରୀର ଭୂମିକାଟି
କ୍ଷତବିକ୍ଷତ ସଂସ୍କାର ଭିତରୁ
ପ୍ରଶ୍ନବାଚୀ ହେବାକୁ
ବାଧ୍ୟହୁଏ
ପ୍ରେମିକ, ବାପ, ପତି ପୁରୁଷର
ସ୍ୱାର୍ଥପର ଅହଂକାର ଖୁଣ୍ଟରେ
ବନ୍ଧା ହୋଇ ରହିବା
ତା'ର କପାଳଲିଖନ
ସୀତା, ଦ୍ରୌପଦୀ, ଅହଲ୍ୟା, ଦୁର୍ଗା
ସବୁରି ଭାଗ୍ୟ ସେଇ
ଅଦୃଶ୍ୟ ପୁରୁଷପଣର
ତିଆରି ଲୁହା ଶିକୁଳିରେ
ବନ୍ଧା ପଡ଼ିଛି
ଯଦି କେହି କିରଣବେଦୀ, ମେଧା,
ତସ୍‌ଲିମା, ଫୁଲନ୍ କି
ଅପରାଜିତା, ସବାନା
ତୁଳସୀ ମୁଣ୍ଡା, ସୁମନ ଯୋଡ଼ିଆ
ସକଳ ମିଛ
ଅସତ୍ୟ ଅବିଚାରକୁ
ଫୁତ୍‌କାରରେ ଉଡ଼େଇ ଦେବାର
ଦମ୍ଭରେ ଛିଡ଼ା ହୁଅନ୍ତି
ସେତେବେଳେ ଧୂଳି ଜମିଯାଇଥିବା
ପୁରୁଷ ପ୍ରଭୁତ୍ୱର ଅଧିକାର
ଖଣ୍ଡଖଣ୍ଡ ହୋଇ
ଖସିପଡ଼େ
ତଥାପି .... ତଥାପି
କଣ୍ଟାକୁ ବରଣ
କରିଥିବା ପାଉଁଶକୁ

ନିଜର ଅନ୍ତିମ ଇଚ୍ଛାର
ତିଳକ ବୋଲି ଗ୍ରହଣ କରିଥିବା
ନାରୀର ଦେହ
ଏ ଖଣ୍ଡିତ ମଣିଷମାନଙ୍କ ପାଇଁ
ଆହୁରି ଲୋଭନୀୟ
ମନେହୁଏ
ରାଜନୈତିକ ପଶାପାଲିରେ
ନାରୀର ଉପସ୍ଥିତ
କ୍ଷମତାର ମଙ୍ଗୁଆଳମାନଙ୍କର
ହୃତ୍‌କମ୍ପନ କରାଏ
ଯଦି ଲକ୍ଷ୍ମୀ, ଅନିତା, ସୁକେଶିନୀ
ପାଟି ଖୋଲିବା
ଆରମ୍ଭ କରନ୍ତି
ସବୁ ଅପମାନ ତିରସ୍କାରର
ଜବାବ୍ ମାଗନ୍ତି
ସେତେବେଳେ
ମାତୃଗର୍ଭର ଅନନ୍ତ ଶୋଷକୁ
କେଉଁବାଟେ ଅସ୍ୱୀକାର କରିବ ?
ତୁମର ସବୁ ପୋଥି, ଧର୍ମ, ବାରଣ
ନୀତି, ନିୟମକୁ
ଗୋଟିଏ ଫୁତ୍‌କାରରେ
ଉଡ଼େଇ ଦେଇ
ପ୍ରଳୟର ସୁଅରେ
ପତର ଖଣ୍ଡକରେ
ପୁଣି ଏକ ଗର୍ଭବତୀ ମୁହୂର୍ତ୍ତକୁ
ସମସ୍ତ ଅଲୋଡ଼ାପଣରୁ
ବଞ୍ଚାଇ ଦେବାର
ବିଡମ୍ବିତ ପ୍ରୟାସ କରୁଥିବ

□

# ଅମରୀଲଟା

ଅମରୀଲଟା
ଯେତେମରେ
ସେତିକି ଜୀଏଁ
ଜୀବନ ସେମିତି
ଭୁଲିବାର ବାହାନାଖୋଜେ
ମରୁମରୁ ପୁଣି ବଞ୍ଚିବାର
ଆରଣ୍ୟକ ତୃଷାରେ
ଅସ୍ଥିର ହୁଏ
ବାହାନା କ'ଣ କି
ମୁହଁ, ଦେହ, ସ୍ୱପ୍ନର
ଓଦା ଓଦା ବହଳ
ଅନ୍ଧାର
କାହା କାନ୍ଧରେ ଭାରଦେଇ
ସେଇ ଅନ୍ଧାରର
ତୃମ୍ପନକୁ ଶୋଷିନେବାର
ମିଛିମିଛିକା ଖେଳ
ସ୍ୱପ୍ନରେ ନିଚ୍ଛାଟିଆ
ପାହାନ୍ତି ପହରେ
କୁହୁଡ଼ିରେ ଉବୁଟୁବୁ
ସଜଳ ସ୍ମୃତିରେ ନିଃଶ୍ୱାସର ନିଆଁ
ଖେଳେଇଯାଏ
ଘରଭାଙ୍ଗିଗଲେ ଉଜୁଡ଼ିଗଲେ
କି ବଣ ପୋଡ଼ିଗଲେ

ଆଖିରୁ ପାଣି ମରେନି ଖାଲି
ଟୋପେପାଣି ବିନା
କଅଁଳୁଥିବା ଟାଗ ଗଛଟିର
ଫୁଲଫୁଟା ଆଶା ଟିକକ ବି
ମଉଳିଯାଏ
ଦୁବଘାସଟେ ପାଦତଳେ
ମକ୍‌ଚିଗଲେ କି
ଦଳି ହୋଇ ଛିନ୍ନ ଛତର ହୋଇଗଲେ ବି
କାହାର ନ କାହାର
ସୁସଜ୍ଜିତ ଇଚ୍ଛାରେ ଇଚ୍ଛାମୟୀ
ହେଉଥାଏ ବାରବାର
ପୁଣିଦିନେ ମେଘଢ଼ଙ୍କୀ ଆକାଶର ପଣତରୁ
ବତୁରା ବର୍ଷାର କଅଁଳିଆ
ଟୋପା ତା ଦେହରେ ବର୍ଷିଯିବ
ରତୁମତି ଅଭିସାରିକା ସାଜିବାକୁ
ରମିବାକୁ ରମଣରେ ମାତିବାକୁ
ଚୁମିବାର ଲୋଡ଼ିବା ପଣରେ
ପୁଣିଥରେ ଫୁଲଟିଏ
ନିଶ୍ଚେ ଫୁଟାଇବ

□

# ବିଚାରକର

ତମେ ଯେଉଁ ଲକ୍ଷ୍ମଣଗାର
ମୋ ଭାଗ୍ୟରେ ଟାଣିଦେଲ
ଯେତିକି ଇଞ୍ଚଜାଗାରେ
ରହିବା ପାଇଁ ଆଦେଶ ଦେଉଛ
ମୁହଁକୁ ତଳକୁ କରି
କାହାକୁ ନ ଚାହିଁବାକୁ ମଣ ଶିଖେଇଛ
ସେ ସର୍ତ୍ତ ମୁଁ ଆଜନ୍ମରୁ ମାନିଛି
ମୋ ଅଣ୍ଟିରେ
ସାଇତାଥିବା ସୁଖ ଦୁଃଖ
ମୁଠିକୁ କେତେବେଳେ
ଖୋଲିବାକୁ ଚେଷ୍ଟାକଲେ
ତମର ଲୋମଶ-ଜାନ୍ତବ ଆଖିର
ନିଆଁରେ ମୁଁ କାକୁସ୍ଥ ହୋଇପଡ଼େ
କିଏ ଜାଣେ ତମେ ପୁଣି
ମତେ କଇବଲ
ଘୋଷଦ୍ୱାରେ ଆଣି
କାଠଗଡ଼ାରେ ଠିଆ କରିଦେବ
ରାସ୍ତାସାରା ଲୋକଭର୍ତ୍ତି
କେହିହେଲେ
ମୋ ଆଡ଼କୁ ହାତଟିଏ ବଢ଼ାଉ ନଥିବେ
ମୋ ବାଳକୁ ଟାଣି ଟାଣି
ଲାତ ଗୋଇଠାରେ ଲୁହ ଲୁହାଣକରି
ତମେ ପୁରୁଷପଣର
ଅହଂରେ ସାବତ୍ କରୁଥିବ

ହେ ବିଚାରକ ମହାମହିମ !
ତମେ ସାକ୍ଷୀ ମିଛପ୍ରମାଣ
ମିଛ ଦ୍ୱାହିଦେଇ
ମତେ ବାରମ୍ବାର ଲାଞ୍ଛିତ ଅପମାନିତ କରି
ଯେଉଁ ଦଣ୍ଡାଦେଶ ଶୁଣାଇବ
ତାହା ମୁଁ କେବେଠୁ ଜାଣିଛି
ଏତିକି ମାଗୁଣି, ଯଦି ପାର
ଏତିକି କର ହେ ନ୍ୟାୟାଧିଶ !
ଲେଖିଦିଅ ତୁମ ମୋଟା ମୋଟା
ଆଇନ୍ ବହିରେ
ନାରୀକୁ ମଣିଷ ବୋଲି ନ ବିଚାରିଲେ
ତା' ଉପରେ ପୁରୁଷପଣର
ପରିବାରଚାପର ସମସ୍ତ
ଅମାନୁଷିକ ଅକଥନୀୟ
ଅତ୍ୟାଚାର ପରେ ବି ଧର୍ଷଣ କଲେ
କି ଅଶ୍ଳୀଳଭାବରେ
ଖିନ୍‌ଭିନ୍ କଲେ ମଧ
ତାହା ଅପରାଧ ନୁହେଁ
ନାରୀ ତ ପୋଷାମନା ଜନ୍ତୁଟେ
ତା' ପାଇଁ ଗୋଟେ ବିଚାର କ'ଣ
ସେ ତ ଦଣ୍ଡପାଇବା ପାଇଁ ହକ୍‌ଦାର
ତେଣୁ ସବୁ ମଣିଷପଣିଆକୁ
ମାରିଦେଇ ଫାଶୀଦଣ୍ଡ ନିହାତି ଶୁଣାଅ !

□

# ଖୋଲିବି କହୁଛିପରା

ଖୋଲୁଛି ଖୋଲୁଛି ବୋଲି
କେତେଥର ଭିତରୁ କହିଲିଣି ଯେ
ଟିକେ ବି ତମେ ରହୁନ
କଲିଂ ବେଲ୍ ଚିପୁଛ ଯେ ଚିପୁଛ
ଜାଣିଛ !
ଏଠି କେତେକାମ
ସବୁସୁତା ଆଡୁଆ ତାଡୁଆ
ଗୁଡ଼ିବାକୁ ବସିଗଲେ
ଛେଚିକୁଟି ହୋଇ
ସ୍ୱପ୍ନର ହିଡ଼ସବୁ ଭାଙ୍ଗିଯାନ୍ତି
ଟିକେ ରୁହଭଲା !
ମିଛଟାରେ ଏତେ ହଲ୍ଲାପଟା କାହିଁକି କରୁଛ
ଛୁଙ୍କଟିକେ ଦେଇଦିଏ ଦହିବାଇଗଣରେ
ମାଛବେସରଟା ଭୁକୁଭୁକିଆ ହୋଇଗଲାଣି
ତମର ପୁଣି କେତେ ବରାଦ
କେତେ ରଙ୍ଗଘଷ, ଫରମାଇସ୍
ପିଲାଙ୍କ ଭଳି ଏମିତି କ'ଣ
ହେଉଛ ଯେ ....
ଆରେ ! ଛାଡ଼'ମ
କିଏ ଦେଖିବ ସେ ଝର୍କାପଟୁ
ଦ୍ୱାରଟା ଠିଆ ମୁକୁଳା ଯେ
ଆଜି କ'ଣ ତମେ ଖାଲି
ଅମାନିଆ ହେଉଥିବ
ତୁମ ପୁରୁଷପଣର ଅନ୍ତରଙ୍ଗତାରେ
ଛୁଇଁ ଛେଚି କଚାଡ଼ି
ମତେ ଆକୁଳ ଅସ୍ଥିର କରୁଥିବ
ମୋ ସୁନାଟା ପରା
ଟିକେ ଭଲା କଥା ମାନ
ଜାଣିଛ କୋକବିନା
ଆସିବ, କାନକାଟି ଦେବ
ମୁଁ ଜାଣେ ପରା ତମେ ଆଜି ଚୁପ୍ ହେବନି
ହେଲେ ତୁମ ଚୁପ୍ ହେବା ଯେ
କେବେଠୁଁ ବନ୍ଦହୋଇ ଯାଇଛି
କିଏ କିଏ ସାହିପଡ଼ିଶାରେ କହୁଥିଲେ
ସତରେ ତମେ ଆଉ ଆସିବନି
କି ମତେ ଆଉ ଭଲପାଇବନି ...

❑



ଡକ୍ଟର ବିଧୁପ୍ରଭା ରଥ

ସମକାଳୀନ ଓଡ଼ିଆ ସାହିତ୍ୟର ପ୍ରଚଂଡ ପ୍ରଭାବଶାଳିନୀ ପ୍ରତିଭା ଡକ୍ଟର ବିଧୁପ୍ରଭା ରଥ କବିତା ସର୍ଜନାରେ ଯେପରି ସ୍ରୋତସ୍ୱିନୀ ନଇଟିଏ, ପ୍ରଜ୍ଞା, ପ୍ରତିଭା ଓ ପ୍ରଗଲଭତାରେ ସେହିପରି ପରିପୂର୍ଣ୍ଣ କଥା-ଗଦ୍ୟଶିଳ୍ପୀ । ଅଷ୍ଟମ-ନବମ ଦଶନ୍ଧିର ଛାତ୍ରୀ ଜୀବନରେ ବ୍ରହ୍ମପୁର ଖଲ୍ଲିକୋଟ ମହାବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଯେପରି ଏକାଧିକ ସ୍ୱର୍ଣ୍ଣପଦକର ବିଜୟିନୀ ଥିଲେ, ପରବର୍ତ୍ତୀକାଳରେ ସେ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ଜଣେ ପ୍ରଜ୍ଞାପୂର୍ଣ୍ଣ ଗବେଷିକାଭାବେ ନିଜ ସାଧନା ଓ ସିଦ୍ଧି ପ୍ରମାଣିତ କରିଛନ୍ତି । ଚଉଠ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳବ୍ୟାପୀ ସାରସ୍ୱତ ସାଧନା ମଧ୍ୟରେ ତାଙ୍କ ରଚିତ ପୁସ୍ତକଗୁଡ଼ିକ ଭିତରୁ 'ଠାକୁର ଅଭିରାମ ପରମହଂସଙ୍କ ସାହିତ୍ୟ ଓ ଦର୍ଶନ', 'ସୀତାକାନ୍ତ ମହାପାତ୍ର କାବ୍ୟମାନସ : ମିଥ୍', 'ପ୍ରେମ ଓ ପ୍ରତୀକ୍ଷା', 'ମିଛ ମଣିଷର ଅସ୍ମିତା', 'ହୃଦୟଭିକ୍ଷା', 'ପ୍ରେମରୁ ସମାଧି', 'ସିନ୍ଧାନ୍ତ କେବଳ ତୁମର' (ଲଳିତ ନିବନ୍ଧ ଓ ସମାଲୋଚନା), 'ଲାବଣ୍ୟବତୀର ସୌନ୍ଦର୍ଯ୍ୟତାତ୍ତ୍ୱିକ ଅନୁଶୀଳନ' (ଗବେଷଣା ନିବନ୍ଧ), ଉପନ୍ୟାସ ମଧ୍ୟରେ 'ଶୁଣ ଫାଲଗୁନୀ', 'ମହାନାୟକ', 'ରକ୍ତ ରଞ୍ଜିତ ନାୟକ' 'କୃଷ୍ଣା' 'ପାର୍ଥ' 'କାଳଦର୍ଶୀ' ଆଦି ପୁସ୍ତକ ନିମନ୍ତେ ଅଜସ୍ର ପାଠକୀୟ ଶ୍ରଦ୍ଧା ଅର୍ଜନ କରିଛନ୍ତି ସେତିକି ନୁହେଁ, ଓଡ଼ିଶାର ବୁଦ୍ଧିଜୀବୀ ପାଠକ ମାନସରେ ସ୍ୱତନ୍ତ୍ର ସ୍ଥାନର ଅଧିକାରିଣୀ ହୋଇପାରିଛନ୍ତି । 'ହଂସଧ୍ୱନି'ରେ ସ୍ଥାନିତ କବିତା ଗୁଡ଼ିକ କଟକ ଓ ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ରରୁ ପ୍ରଚାରିତ ଓ 'ଅନୁପମ ଭାରତ', 'ଦୈନିକ ପ୍ରଜାତନ୍ତ୍ର', 'ସ୍ୱର୍ଣ୍ଣ' ଓ ମହାପାତ୍ର ଭାସ୍କର ଗନ୍ତାଏତ ସମ୍ପାଦିତ 'କଳିଙ୍ଗାବର୍ତ୍ତ' ଆଦି ପତ୍ର-ପତ୍ରିକାରେ ପ୍ରକାଶିତ ହୋଇ ତାଙ୍କୁ ପ୍ରସିଦ୍ଧି ଆଣିଦେଇଛି । ଡକ୍ଟର ବିଧୁପ୍ରଭା ବ୍ରହ୍ମପୁର କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ 'କଥାକାର ସୁପ୍ରୀତି ଦେବୀ ଗନ୍ତାୟତ ସ୍ମାରକୀ ସମ୍ମାନ', କଟକ 'ପ୍ରଜାତନ୍ତ୍ର ପ୍ରଚାର ସମିତି'ର ବିଷୁବ 'ସୁବ୍ରତ ସ୍ମାରକୀ ସମ୍ମାନ', ବ୍ରହ୍ମପୁରର 'କସ୍ତୁରୀ ସମ୍ମାନ' ଧର୍ମଶାଳାର 'ଗୋକର୍ଣ୍ଣିକା ପୁରସ୍କାର' ଓ ରାଜଧାନୀ ଭୁବନେଶ୍ୱରର 'ଚଲାପଥ' ପୁରସ୍କାର, 'କର୍ମଶ୍ରୀ କଥାଶିଳ୍ପୀ ସମ୍ମାନ' ସମେତ ବହୁ ସମ୍ମାନର ଅଧିକାରିଣୀ ।

\- ପ୍ରକାଶକ